୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.108 Bhubaneswar Friday June 06 2025 | ୨୭ତମ ବର୍ଷ ସଂଖ୍ୟା–୧୦୮ ଭୁବନେଶ୍ୱର, ଶୁକ୍ରବାର, ଜୁନ ୦୬, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

# କଳିଙ୍ଗ ଆଡ଼ଭାନ୍ସ ଏଜୁକେଶନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ








ଭୁବନେଶ୍ୱର,୫ ।୬(ପି.ଏନ) : କଳିଙ୍ଗ ଆଡ଼ଭାନ୍ସ ଏଜୁକେଶନ ଚାରିଟେବୁଲ ଟ୍ରଷ୍ଟ ଏବଂ ସେଭ ଏନଭାରମେଣ୍ଟ ଓ ସେଭ ଗ୍ଲୋବ ସଂସ୍ଥାର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରାପଡ଼ା ବିଧାୟିକା ଡକ୍ଟର ସିପ୍ରା ମଲ୍ଲିକ ମୁଖ୍ୟଅତିଥି, ପୂର୍ବତନ ପୋଲିସ ଉପମହାନିର୍ଦ୍ଦେଶକ ଶ୍ରୀ ଗୋପବନ୍ଧୁ ମଲ୍ଲିକ ମୁଖ୍ୟବକ୍ତା, ସମ୍ମାନନୀୟ ଅତିଥି ଦୈନିକ ପର୍ଯ୍ୟବେକ୍ଷକ ଓ ଦି କଳିଙ୍ଗ କ୍ରୋନିକିଲର ମୁଖ୍ୟ ସମ୍ପାଦକ ତଥା ରାଷ୍ଟ୍ରୀୟ ପତ୍ରକାର ମହାସଂଘ ଓ ଭାରତୀୟ କ୍ଷୁଦ୍ର ମଧ୍ୟମ ଖବର କାଗଜର ରାଷ୍ଟ୍ରୀୟ ସଭାପତି ଡକ୍ଟର ପବିତ୍ରମୋହନ ସାମନ୍ତରାୟ, ଦି' ପାଓନିୟରର ବାର୍ତ୍ତା ସମ୍ପାଦକ ତଥା ଭାରତୀୟ ସାମ୍ବାଦିକ ମହାସଂଘର ଓଡ଼ିଶା ସଭାପତି ଶ୍ରୀ ସୁଜ୍ଞାନ ଚୌଧୁରୀ ପ୍ରମୁଖ ପ୍ଲାଷ୍ଟିକ ପ୍ରଦୂଷଣକୁ ହଟାଅ ବିଷୟରେ ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ବିଶିଷ୍ଟ ଶିକ୍ଷାବିତ ତଥା ପଦାର୍ଥ ବିଜ୍ଞାନୀ ଡକ୍ଟର ସୁଶାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଇଂ ପ୍ରଭାତ ବେହେରା, ଡକ୍ଟର ସତ୍ୟନାରାୟଣ ସାହୁ, ଦୀନବନ୍ଧୁ ଦାସ, ହବିବୁଲ୍ଲା ଖାଁ ଏବଂ ଶଶୀ ଫାଉଣ୍ଡେସନକୁ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅନେକ ପରିବେଶ ପ୍ରେମୀ ଏବଂ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ । ଶ୍ରୀମତୀ ବନଶ୍ରୀ ମହାପାତ୍ର, ସୁଶ୍ରୀ ସେନାଲି, ଦୀପ୍ତି ପରିଡ଼ା ଏବଂ ଜ୍ଞାନରଞ୍ଜନ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ । ସମସ୍ତ ଅତିଥି ଏବଂ ପୁରସ୍କୃତ ବ୍ୟକ୍ତିମାନଙ୍କୁ ବୃକ୍ଷ ଚାରା ପ୍ରଦାନ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ କୌଣସି ପ୍ଲାଷ୍ଟିକ ଜନିତ ବସ୍ତୁ ବା ସାମଗ୍ରୀ ବ୍ୟବହୃତ ହୋଇନଥିଲା ।

## ମାଓ ନେତା ସୁଧାକର ନିହତ

ଭୁବନେଶ୍ୱର,୫ ।୬(ପି.ଏନ): ଲାଲବାହିନୀକୁ ବଡ଼ ଝଟକା । କେନ୍ଦ୍ରୀୟ କମିଟିର ସଦସ୍ୟ ସୁଧାକର ନିହତ । ବିଜାପୁର ଏନକାଉଣ୍ଟରରେ ସେ ନିହତ ହୋଇଛନ୍ତି । ସୁଧାକରଙ୍କ ମୁଣ୍ଡ ଉପରେ ୪୦ ଲକ୍ଷ ଟଙ୍କାର ପୁରସ୍କାର ଥିଲା । ଡିଆରଜି ଏବଂ ଏସଟିଏଫ ବାହିନୀର ଅପରେସନ୍ ବେଳେ ସୁଧାକର ନିହତ ହୋଇଛନ୍ତି । ଗତ ମେ ମାସରେ କେଶବ ରାଓ ନିହତ ହେବା ପରେ ସୁଧାକରଙ୍କ ମୃତ୍ୟୁ ମାଓ ସଂଗଠନକୁ ବଡ଼ ଝଟକା ଲାଗିଛି । ମାଲକାନଗିରି ଜିଲ୍ଲା ସୀମାନ୍ତ ବିଜାପୁରର ଜାତୀୟ ଉଦ୍ୟାନରେ ଗୁଳି ବିନିମୟ ଜାରି ରହିଛି ।

## କେମିତି ଭାରତୀୟଙ୍କୁ ପ୍ରଲୋଭିତ କରି ଜାଲରେ ଫସାଉଥିଲେ 'ମ୍ୟାଡମ ଏନ୍?'

ଭୁବନେଶ୍ୱର,୫ ।୬(ପି.ଏନ): ଭାରତରେ ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଘଟଣାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି । ପାକିସ୍ତାନ ପାଇଁ ଗୁପ୍ତଚର ସାଜିଥିବା ଏକାଧିକ ୟୁଟ୍ୟୁବରଙ୍କୁ ଭାରତରେ ଗିରଫ କରାଯାଇଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ ୟୁଟ୍ୟୁବର ପାକିସ୍ତାନ ଗସ୍ତ କରିଥିଲେ । ଏବେ ସେମାନଙ୍କ ପାକିସ୍ତାନ ଗସ୍ତରେ କିଏ ସହଯୋଗ କରିଥିଲେ, ତା'ର ତଥ୍ୟ ସାମ୍ନାକୁ ଆସିଛି ।

## ଆଗକୁ ଗରମ ଗୁଳୁଗୁଳି ସହ ଅସ୍ତବ୍ୟସ୍ତ କରିବ ଝାଞ୍ଜି

ଭୁବନେଶ୍ୱର,୫ ।୬(ପି.ଏନ): ରାଜ୍ୟରେ ବଢୁଛି ତାପମାତ୍ରା । ଆଗକୁ ଗ୍ରୀଷ୍ମ ପ୍ରବାହ ଆହୁରି ପ୍ରଚଣ୍ଡ ହେବାର ସମ୍ଭାବନା ରହିଛି । ଗରମ ଗୁଳୁଗୁଳି ସହ ଅସ୍ତବ୍ୟସ୍ତ କରିବ ଝାଞ୍ଜି । ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଜୁନ ୭ ପରେ ରାଜ୍ୟର କେତେକ ସ୍ଥାନରେ ୪୩ ଡିଗ୍ରୀ ଛୁଇଁପାରେ ତାପମାତ୍ରା । ଜୁନ ୧୫ ତାରିଖ ପରେ ବଦଳି ପାରେ ପାଗର ମିଜାଜ । ବଙ୍ଗୋପ ସାଗରରେ ଏକ ଲଘୁଚାପ ସୃଷ୍ଟି ହେଉଥିବାରୁ ପୁଣି ବର୍ଷା ସମ୍ଭାବନା ରହିଛି ।ବଢୁଛି ପାରଦ । ଅସ୍ତବ୍ୟସ୍ତ କରୁଛି ଗରମ ଗୁଳୁଗୁଳି । କେତେବେଳେ କାଳବୈଶାଖୀ ସୃଷ୍ଟି କରୁଛି ତାଣ୍ଡବ । ରାଜ୍ୟରେ ବଦଳୁଛି ପାଗର ମିଜାଜ । କିଛି ସ୍ଥାନରେ ବର୍ଷା ସାମାନ୍ୟ ଆଶ୍ୱସ୍ତି ଆଣିଥିବାବେଳେ ପୁଣି ୭ରୁ ବଢିବ ତାପମାତ୍ରା । ଆଗାମୀ ୧୦ ରୁ ୧୨ ତାରିଖ ମଧ୍ୟରେ ପଶ୍ଚିମ ଓ କେନ୍ଦ୍ରୀୟ ଓଡ଼ିଶାରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକ ଠାରୁ ୮ ଡିଗ୍ରୀ କିମ୍ବା ତା ଠାରୁ ବି ଅଧିକ ରହିପାରେ । ଖରା ଗରମ ସହିତ ପଶ୍ଚିମା ଝାଞ୍ଜି ପବନ ବହିବା କାରଣରୁ ବିଭିନ୍ନ ସ୍ଥାନରେ ପାରଦ ବଢିବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର । ସେପଟେ ବଙ୍ଗୋପ ସାଗରରେ ସୃଷ୍ଟି ହେଉଛି ଆଉଏକ ଲଘୁଚାପ । ଏହାର ପ୍ରଭାବରେ ୧୫ ତାରିଖ ପରେ ପାଗ ବଦଳିବ ବୋଲି ପୂର୍ବାନୁମାନ କରାଯାଇଛି ।ଗତ ୨୪ ଘଣ୍ଟା ଭିତରେ ଢେଙ୍କାନାଳ ଜିଲ୍ଲାରେ ୫୭ ମିଲିମିଟର ସର୍ବାଧିକ ବର୍ଷା ରେକର୍ଡ ହୋଇଛି । ଖରା ଗରମ ସତ୍ତ୍ୱେ ଆଗାମୀ ୭ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବରେ ହାଲୁକାରୁ ମାଧ୍ୟମ ଧରଣ ବର୍ଷା ହୋଇପାରେ । ବିଜୁଳି ଘଡ଼ଘଡ଼ି ଓ ବଜ୍ରପାତ ସହିତ ଝଟକା ପବନ ୩୦ ରୁ ୪୦ କିଲୋମିଟର ରହିବା ନେଇ ପୂର୍ବାନୁମାନ କରାଯାଇଛି । ତେବେ ୭ ତାରିଖରୁ ରାଜ୍ୟରେ ବଜ୍ରପାତ ଜନିତ ଆଲର୍ଟ ନାହିଁ । କିନ୍ତୁ ଆସନ୍ତାକାଲି ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ ଅସହ୍ୟ ଗରମ ଓ ଗୁଳୁଗୁଳି ନେଇ ସତର୍କ ସୂଚନା ଜାରି କରାଯାଇଛି । ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରୁ ଲଘୁଚାପ ଆଶ୍ୱସ୍ତି ଦେଇପାରେ ବୋଲି ବିଭିନ୍ନ ପାଣିପାଗ ବିଜ୍ଞାନୀ ଆକଳନ କରିଛନ୍ତି ।

## ଆଜି ମଧ ଗାଁକୁ ନାହିଁ ପକ୍କା ରାସ୍ତା

ଭୁବନେଶ୍ୱର,୫ ।୬(ପି.ଏନ): ସରକାର ଗାଁ କୁ ଗାଁ ସଂଯୋଗ କରିବା ପାଇଁ କୋଟି କୋଟି ଟଙ୍କାର ଯୋଜନା କରୁଛନ୍ତି । ହେଲେ ବଙ୍ଗୋମୁଣ୍ଡା ବ୍ଲକ ତୁରେକେଲା ପଞ୍ଚାୟତରୁ ଜୁରାବନ୍ଧ ପଞ୍ଚାୟତକୁ ସଂଯୋଗ କରୁଥିବା ସାନଗମଡା ରାସ୍ତା ପକ୍କା ହୋଇନଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ । ସମସ୍ୟା ନେଇ ଅନେକ ଥର ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି ହେଲେ ଫଳ ଶୂନ । ଏବେ ଆନ୍ଦୋଳନମୁହାଁ ହେଲେଣି ଲୋକେ ।ଗାଁକୁ ନାହିଁ ପକ୍କା ରାସ୍ତା । ଖାଲଖାମ କଚ୍ଚା ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଯାଆସ କରୁଛନ୍ତି ଲୋକେ । ବଙ୍ଗୋମୁଣ୍ଡା ବ୍ଲକ ତୁରେକେଲା ପଞ୍ଚାୟତରୁ ଜୁରାବନ୍ଧ ପଞ୍ଚାୟତକୁ ସଂଯୋଗ କରୁଥିବା ସାନଗମଡା ରାସ୍ତା । ଏହି ରାସ୍ତାକୁ ପକ୍କା ରାସ୍ତା କରିବା ପାଇଁ ଅଞ୍ଚଳବାସୀ ଅନେକ ଥର ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ନେତା ମନ୍ତ୍ରୀଙ୍କୁ ଜଣାଇଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ରାସ୍ତାଟିଏ ହୋଇ ପାରୁନାହିଁ । ବର୍ତ୍ତମାନ ଖରା ଦିନ ହୋଇଥିବାରୁ ଯେନତେନ ପ୍ରକାରେ ଲୋକେ ତ ଯିବା ଆସିବା କରୁଛନ୍ତି ହେଲେ ବର୍ଷା ଦିନେ ଲୋକଙ୍କ ଦୁର୍ଦ୍ଦଶା ନକହିବା ଭଲ । ଗାଁକୁ ଆମ୍ବୁଲାନ୍ସ ପଶିପାରୁ ନଥିବାରୁ ରୋଗୀ ସେବା ବ୍ୟାହତ ହୁଏ । କାଦୁଅ ରାସ୍ତା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ବେଳେ ପଞ୍ଚାୟତକୁ ଚାଉଳ ଆଣିବାକୁ ଗଲାବେଳେ ବୟସ୍କ ଲୋକେ ହଇରାଣ ହେଉଥିବା କହିଛନ୍ତି । ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଅନେକ ଥର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଛନ୍ତି । ତୁରେକେଲା ସରପଞ୍ଚ ଅନେକ ଥର ଲିଖିତ ଭାବେ ବିଡିଓଙ୍କୁ ଜଣାଇଛନ୍ତି । ହେଲେ ସମସ୍ତେ ଚୁପ ବସିଛନ୍ତି । ଗତ କିଛି ଦିନ ତଳେ ଜିଲ୍ଲାପାଳଙ୍କ ଆପତ୍ତି ଅଭିଯୋଗ ଶୁଣାଣିରେ ମଧ୍ୟ ସ୍ଥାନୀୟ ଲୋକେ ସମସ୍ୟା ସଂପର୍କରେ ଜଣାଇଛନ୍ତି । ହେଲେ ଗରିବଙ୍କ କଥା ଶୁଣୁଛି କିଏ ? ଯଦି ଖୁବଶୀଘ୍ର ପକ୍କା ରାସ୍ତା ନିର୍ମାଣ ନହୁଏ ତାହାଲେ ଆନ୍ଦୋଳନ ପାଇଁ ଚେତାବନୀ ଦେଲେଣି ଗ୍ରାମବାସୀ । ଏନେଇ ଟିଟିଲାଗଡ ଉପ-ଜିଲ୍ଲାପାଳଙ୍କୁ ପଚାରିବାରୁ ସେ କହିଛନ୍ତି, ପକ୍କା ରାସ୍ତା ନିର୍ମାଣ ପାଇଁ ଖୁବଶୀଘ୍ର ପଦକ୍ଷେପ ନିଆଯିବ । ଲୋକଙ୍କ ଦୀର୍ଘ ଦିନର ଦାବି କେବେ ପୂରଣ ହେଉଛି ତାହା ଉପରେ ସମସ୍ତଙ୍କ ରହିଛି ନଜର ।

## ଭୁଲ ଇଞ୍ଜେକସନ ଯୋଗୁ ୬ଜଣଙ୍କ ମୃତ୍ୟୁ ଘଟଣା : ସ୍ଥିତି ଅନୁଧ୍ୟାନ ବେଳେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର,୫ ।୬(ପି.ଏନ): କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜରେ ଭୁଲ ଇଞ୍ଜେକସନ ଯୋଗୁ ୬ ଜଣଙ୍କ ମୃତ୍ୟୁ ଘଟଣା । ମେଡିକାଲରେ ପହଞ୍ଚିଛନ୍ତି ତଦନ୍ତକାରୀ ଦଳ । ଝଉଇରୁ ୨ ଜଣ ଓ ଗକଉଏରୁ ୩ ଜଣ ଡାକ୍ତର ତଦନ୍ତ କରିବେ । କେଉଁ କାରଣରୁ ୬ଜଣଙ୍କ ମୃତ୍ୟୁ ହୋଇଛି ସେନେଇ ତଦନ୍ତ କରିବେ । ଅନ୍ୟପଟେ ଏହି ଘଟଣାକୁ ନେଇ ହୋଇଥିବା ଅଭିଯୋଗକୁ ମେଡ଼ିକାଲ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି ।ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଳିଙ୍ଗ ମେଡିକାଲରେ ପହଞ୍ଚ ସ୍ଥିତି ଅନୁଧ୍ୟାନ କରିଛନ୍ତି । ମନ୍ତ୍ରୀ ମେଡିକାଲ କଲେଜର ସର୍ଜରୀ ୱାର୍ଡ ପରିଦର୍ଶନ କରିଥିବା ଜଣାପଡ଼ିଛି । ଏହି ଗସ୍ତ ବେଳେ କଂଗ୍ରେସ ମେଡିକାଲର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା କରିବା ପାଇଁ ଚାହୁଁଥିବାବେଳେ ମନ୍ତ୍ରୀ ତାଙ୍କୁ ସୁଯୋଗ ନ ଦେବାରୁ ଦଳ ପକ୍ଷରୁ ଏହାର ତୀବ୍ର ପ୍ରତିବାଦ କରାଯାଇଛି । ଏପରିକି ମାଲକାନଗିରିର ପୂର୍ବତନ ବିଧାୟକ ନିମାଇଁ ସରକାର ଓ କୋରାପୁଟ ବିଧାୟକ ରଘୁରାମ ମାଛ, ରୂପକ ତୁରୁକ, ଭଗବାନ ବାହିନୀପତି ମଧ୍ୟରେ କଥା କଟାକଟି ହୋଇଥିଲା । ପରେ ସ୍ୱାସ୍ଥ୍ୟମନ୍ତ୍ରୀ ମାତ୍ର ୫ ମିନିଟ୍? ଆସି ବୁଲି ଯାଇଥିବା କହି କଂଗ୍ରେସ ସମାଲୋଚନା କରିଛି । ବିଜେଡି ସରକାରରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିଗିଡି ଯାଇଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି ।କୋରାପୁଟ ବିଧାୟକ କଂଗ୍ରେସ କର୍ମୀଙ୍କୁ ଧକ୍କା ମାରିଥିବା ମାଲକାନଗିରିର ପୂର୍ବତନ ବିଧାୟକ ନିମାଇଁ ସରକାର ଅଭିଯୋଗ କରିଛନ୍ତି । ରୂପକ ତୁରୁକ ପ୍ରଶ୍ନ କରିଛନ୍ତି କି ମନ୍ତ୍ରୀ ଆଇସିୟୁ ବିଭାଗ ଯାଇ ସ୍ଥିତି ପରଖିବା କଥା । କିନ୍ତୁ ସେ ଆଇସିୟୁ ନ ଯାଇ ଏଠାକୁ କ'ଣ ଦେଖିବାକୁ ଆସିଥିଲେ ? ବର୍ତ୍ତମାନ ମଡିକାଲରେ ତଦନ୍ତକାରୀ ଦଳ ପ୍ରକୃତ ଘଟଣାର ଖୋଳତାଳ କରୁଛନ୍ତି ।

## ଜର୍ମାନରେ ଲୁଚି ବାହା ହେଲେ ପିନାକୀ ମିଶ୍ର,ଟିଏମସି ସାଂସଦ ମହୁଆ ମୋଇତ୍ରାଙ୍କୁ କଲେ ଜୀବନ ସାଥୀ

ନୂଆଦିଲ୍ଲୀ,୫ ।୬(ପି.ଏନ): ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୋଇତ୍ରା ବିବାହ କରିଛନ୍ତି । ସେ ବିଜୁ ଜନତା ଦଳ ନେତା ଏବଂ ପୁରୀ ପୂର୍ବତନ ସାଂସଦ ପିନାକୀ ମିଶ୍ରଙ୍କୁ ତାଙ୍କର ଜୀବନସାଥୀ କରିଛନ୍ତି । ରିପୋର୍ଟରେ ଦାବି କରାଯାଇଛି ଯେ ମହୁଆ ଏବଂ ପିନାକୀ ଜର୍ମାନୀରେ ବିବାହ କରିଛନ୍ତି । ଉଭୟଙ୍କ ଏକ ଫଟୋ ମଧ୍ୟ ସାମ୍ନାକୁ ଆସିଛି । 'ଦି ଟେଲିଗ୍ରାଫ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ମହୁଆ ଏବଂ ପିନାକୀ ଜର୍ମାନୀରେ ଚୁପଚାପ୍ ବିବାହ କରିଛନ୍ତି । ଏହି ବିଷୟରେ ଟିଏମସି ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ମହୁଆ ତାଙ୍କ ରାଜନୈତିକ ଜୀବନ ସହିତ ବ୍ୟକ୍ତିଗତ ଜୀବନ ପାଇଁ ମଧ୍ୟ ଖବରରେ ଅଛନ୍ତି ।ମହୁଆ ପୂର୍ବରୁ ଡେନିସ୍ ଫାଇନାନ୍ସର ଲାର୍ସ ବ୍ରୋର୍ସ ?ନଙ୍କ ସହ ସମ୍ପର୍କରେ ଥିଲେ, କିନ୍ତୁ ସେମାନଙ୍କର ବିବାହ ଅଧିକ ଦିନ ତିଷ୍ଠି ପାରିଲା ନାହିଁ ଏବଂ ସେମାନଙ୍କର ଛାଡପତ୍ର ହୋଇଗଲା ।

## ଭଦ୍ରକରେ ତାଲିବାନୀ ଅତ୍ୟାଚାର, ଯୁବକଙ୍କ ଉପରେ ଗରମ ପାଣି ଢାଳିଦେଲେ ମାଲିକ

ଭୁବନେଶ୍ୱର,୫ ।୬(ପି.ଏନ): ଗରମ ପାଣି ଢାଳି ଯୁବକଙ୍କୁ ହତ୍ୟା । ଅନ୍ୟ ଘରେ କାମ କରିବାକୁ ଯାଇଥିବା ଜଣେ ଯୁବକଙ୍କୁ ମାଡ଼ ମାରିବା ସହିତ ଗରମ ପାଣି ଢାଳି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ବନ୍ଧଗାଁରେ । ବନ୍ଧଗାଁର ଗଗନ ମଲ୍ଲିକ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରକୁ କାମ କରିବା ପାଇଁ ଯାଇଥିଲେ ।ସଂପୃକ୍ତ ବ୍ୟକ୍ତି ଚୋରା



ମଦ ବେପାରୀ ହୋଇଥିବାରୁ କାମ କରିବା ପରେ ଗଗନକୁ ଘରକୁ ଡାକି ଦେଶୀ ମଦ ପିଇବା ପାଇଁ ଦେଇଥିଲେ । ପରେ କୌଣସି କଥାକଟାକଟିକୁ ନେଇ ଗଗନକୁ ନିସ୍ତୁକ ମାଡ ମାରିବା ସହିତ ନିକଟରେ ଥିବା ଏକ ଚିକେନ ସେଣ୍ଟରରେ ଥିବା ଗରମ ପାଣି ଫିଙ୍ଗିଥିଲେ । ପରେ ରାସ୍ତା କଡ଼ରେ ନେଇ ଫିଙ୍ଗିଦେଲେ । ଏହାପରେ ଗଗନଙ୍କ ସମ୍ପର୍କୀୟମାନେ ଖବର ପାଇ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ଡାକ୍ତର ଗଗନକୁ ମୃତ ଘୋଷଣା କରିଛନ୍ତି । ଘଟଣାକୁ ନେଇ ପରିବାର ପକ୍ଷରୁ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ହତ୍ୟା ଅଭିଯୋଗ କରାଯିବା ପରେ କରାଯାଇଥିବ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରା ଉଚୁରା କରୁଥିବା ଜଣାପଡିଛି ।

## ଟ୍ରକ ଚାପାରେ ଚାଲିଗଲା ନାବାଳକର ଜୀବନ

ନନ୍ଦିଘୋଷ ବ୍ୟୁରୋ: ଟ୍ରକ ଚାପାରେ ଚାଲିଗଲା ନାବାଳକର ଜୀବନ । ଗଞ୍ଜାମ ଜିଲ୍ଲା କୋଦଳା ଥାନା ମଠ ବ୍ରହ୍ମପୁର ମୁଖ୍ୟ ରାସ୍ତାରେ ଆଜି ସଂଧ୍ୟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଟ୍ୟୁସନରୁ ୨ ଜଣ ଛାତ୍ର ସାଇକେଲରେ ଘରକୁ ଫେରୁଥିବା ବେଳେ ମୁଖ୍ୟ ରାସ୍ତାରେ ଟ୍ରକ୍ ଚାପି ଦେଇଥିବା ସୂଚନା ମିଳିଛି । ଜଣେ ଛାତ୍ର ଟ୍ରକ ଚକା ତଳେ ଚାପି ହୋଇ ଯାଇଥିବା ବେଳେ, ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ



ହୋଇଥିଲା । ମୃତ ଛାତ୍ର ଜଣକ ଅଷ୍ଟମ ଶ୍ରେଣୀର ଶୁଭଙ୍କର ନାହାକ ବୋଲି ଜଣାପଡିଛି । ଅନ୍ୟ ଜଣେ ଛାତ୍ର ଛିଟିକି ପଡିଥିବାରୁ ଆହତ ହୋଇଛନ୍ତି । ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତ?ଜନା ପ୍ରକାଶ ପାଇଛି । କୋଦଳା ପୋଲିସ, ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ପହଞ୍ଚି ଟ୍ରକ ଚକା ତଳୁ ମୃତ ଛାତ୍ରଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଟ୍ରକ୍ ଡ୍ରାଇଭରକୁ ଅଟକ ରଖି ପୋଲିସ ତଦନ୍ତ କରୁଛି ।

## ବଲାଙ୍ଗୀରରେ ଉତ୍କଟ ପାନୀୟ ଜଳ ସଂକଟ

ଭୁବନେଶ୍ୱର,୫ ।୬(ପି.ଏନ): ଉପକୂଳରୁ ଉପାନ୍ତ ସବୁଠି ଦେଖାଦେଲାଣି ଜଳକଷ୍ଟ । ପାଣି ଟୋପାଏ ପାଇଁ କିଏ ନଦୀ ନାଳ ଉପରେ ନିର୍ଭର କରୁଛନ୍ତି ତ କିଏ ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି । ଏବେ ଜଳକଷ୍ଟ ଭୋଗୁଛନ୍ତି ବଲାଙ୍ଗୀରବାସୀ । ଠିକ ଭାବେ ପାନୀୟ ଜଳ ଯୋଗାଣ ହେଉନଥିବା ବେଳେ ନଳକୂପ ମଧ୍ୟ ଅଚଳ ହୋଇପଡିଛି । କୂଅ ପାଣି ପିଇ ନାନାଦି ରୋଗର ଶିକାର ହେଉଛନ୍ତି ଲୋକେ ।ବଲାଙ୍ଗୀରରେ ଉତ୍କଟ ପାନୀୟ ଜଳ ସଂକଟ । ଲୋକଙ୍କୁ ମିଳୁନି ପିଇବା ପାଣି । ପାଣି ଟୋପାଏ ପାଣି ପାଇଁ ଆଉଟୁ ପାଉଟୁ ଲୋକେ । ପାନୀୟ ଜଳ ଯୋଗାଇବାରେ ବିଫଳ ସରକାର । ବଲାଙ୍ଗୀର ସହରର ବରପାଲିପଡା, ତାଳପାଲିପଡା, ସାଲେପାଲି, ଇନ୍ଦିରା ନଗର, କଦମପଡା ଓ କଂସାରୀ ପଡାରେ ପାନୀୟ ଜଳର ଉତ୍କଟ ଅଭାବ । ପାଣି ପାଇଁ ଲୋକଙ୍କ ମଧ୍ୟରେ ହାହାକାର ।





ଅଭିଯୋଗ ଉପରେ ଅଭିଯୋଗ ହେଲେ ବି ଜିଲ୍ଲା ପ୍ରଶାସନର ତିଳେ ମାତ୍ର ଧ୍ୟାନ ଦେଉନି । ପମ୍ପ ଖରାପ ଅଛି, କାମ ଚାଲିଛି କହି ନିଜ ଉତ୍ତର ଦାୟିତ୍ୱ ସାରି ଦେଉଛି ଜନସ୍ୱାସ୍ଥ୍ୟ ବିଭାଗ । ବାଧ ହୋଇ ଲୋକେ ଦୂଷିତ ପାଣି ପିଉଥିବାରୁ ନାନାଦି ରୋଗର ଶିକାର ହୋଇଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ମହିଳା । ପାନୀୟ ଜଳ ସମସ୍ୟା ସଂପର୍କରେ ଜନସ୍ୱାସ୍ଥ୍ୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କ୍ୟାମେରା ସାମ୍ନାରେ ପ୍ରତିକ୍ରିୟା ନ ଦେଇ କାମ ଚାଲୁଥିବା କହିଛନ୍ତି । ଅନ୍ୟ ପଟେ ଜଳ ସଂକଟ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବଲାଙ୍ଗୀର ବିଧାୟକ । ବିଜେଡି ସରକାରରେ ଲୋକଙ୍କ ହିତ ପାଇଁ ପ୍ରଶାସନ କାମ କରୁଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ବଲାଙ୍ଗୀର ଜିଲ୍ଲାକୁ ପ୍ରାଧାନ୍ୟ ଦେଉଥିଲେ । ହେଲେ ନୂଆ ସରକାର ଆସିବା ପରେ ବିକାଶ ବାଟ ହୁଡ଼ିଛି । କୌଣସି ନୂତନ ପ୍ରକଳ୍ପ କରୁନାହାନ୍ତି, ଯେଉଁ ପ୍ରକଳ୍ପଗୁଡିକ ହୋଇଥିଲା ତାହାକୁ ଅଚଳ କରି ଦିଆଯାଉଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି ବୋଲି ବିଧାୟକ ଅଭିଯୋଗ ଆଣିଛନ୍ତି । ୮୦ ଦଶକକୁ ଫେରିବ କି ବଲାଙ୍ଗୀର? ଚାଲିଥିବା ପ୍ରକଳ୍ପକୁ କିଏ କରୁଛି ଅଚଳ । ସହରରେ ପାନୀୟଜଳ ସଙ୍କଟ ପାଇଁ ଦାୟୀ କିଏ? କାମ ନାଁରେ ଠିକାଦାର ପୋଷାନୀତି ଚାଲିଥିବାରୁ ଦେଖାଦେଇଛି କି ଜଳସଂକଟ ? ତାକୁ ନେଇ ଲୋକଙ୍କ ମଧ୍ୟରେ ଅନେକ ପ୍ରଶ୍ନ ଉଙ୍କି ମାରିଛି ।

## ଫ୍ରି ଏଣ୍ଟ୍ରୀ: ପୁଲିସର ବିନା ଅନୁମତିରେ ବିଜୟ ଶୋଭାଯାତ୍ରା ସମ୍ପର୍କରେ ଘୋଷଣା କରିଥିଲା ଆରସିବି !

ଭୁବନେଶ୍ୱର,୫ ।୬(ପି.ଏନ): ଜୁନ ୩ ଆଇପିଏଲ ଫାଇନାଲ ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି)ର ମ୍ୟାନେଜମେଣ୍ଟ ବେଙ୍ଗାଲୁରୁ ସିଟି ପୁଲିସ୍? ପାଖକୁ ଯାଇଥିଲା । ଯଦି ଆରସିବି ଫାଇନାଲ ଜିତିବ, ତା'ହେଲେ ଚିନ୍ନାସ୍ୱାମୀରୁ ବିଜୟ ଯାତ୍ରା ବାହାରିବ ବୋଲି ଅନୁମତି ମାଗିଥିଲା । ପୁଲିସ୍? ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନେଇ ନଥିଲା । କିନ୍ତୁ ବିଜୟ ପରେ ପୁଲିସ୍? ସହ କୌଣସି ପ୍ରକାରର ଆଲୋଚନା ନ କରି ଆରସିବି ପକ୍ଷରୁ ବିଜୟ ଶୋଭାଯାତ୍ରା ସମ୍ପର୍କରେ ଏକ୍ସରେ ଗୋଟିଏ ପୋଷ୍ଟ କରାଯାଇଥିଲା ।ଏହା ଭାଇରାଲ ହେବାରୁ ଏହାକୁ ଲକ୍ଷାଧିକ ଲୋକ ଦେଖିଥିଲେ । ବିଜୟ ଉତ୍ସବରେ ସାମିଲ ହେବା ପାଇଁ କୌଣସି ଟିକେଟ ବ୍ୟବସ୍ଥା ହୋଇ ନଥିଲା । ଆରସିବି ଫ୍ରି ଏଣ୍ଟ୍ରୀ ବା ମାଗଣା ପ୍ରବେଶ ବ୍ୟବସ୍ଥା କରିଥିବାରୁ କ୍ରିକେଟ ପ୍ରେମୀଙ୍କ ଅସମ୍ଭାଳ ଭିଡ ଦେଖାଯାଇଥିଲା ।

## ବେଙ୍ଗାଲୁରୁ ଦଳାଚକଟା: ମାମଲା ରୁଜୁ କଲା ପୁଲିସ

ଭୁବନେଶ୍ୱର,୫ ।୬(ପି.ଏନ): ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ଆଇପିଏଲ ଟ୍ରଫି ବିଜୟ ଉତ୍ସବ ବେଳେ ବେଙ୍ଗାଲୁରୁରେ ଦଳାଚକଟା ଘଟି ୧୧ ଜଣଙ୍କ ମୃତ୍ୟୁ ହେବା ଘଟଣାରେ ପୁଲିସ ନିଜ ଆଡୁ ମାମଲା ରୁଜୁ କରିଛି । ଆରସିବି, ଡିଏନ୍?ଏ ଏଣ୍ଟରଟେନମେଣ୍ଟ ଓ କର୍ଣ୍ଣାଟକା ରାଜ୍ୟ କ୍ରିକେଟ ସଂଘ (କେଏସ୍?ସିଏ) ବିରୋଧରେ ମାମଲା ରୁଜୁ କରିଛି । କ୍ୟୁବୋନ ପାର୍କ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇଥିବା ନେଇ ଡିସିପି ଶେଖର ଏଚ୍ ଟେକ୍କନ୍ନାଭର ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଯେ ପୁଲିସ ନିଜ ଆଡୁ ଏହି ମାମଲା ରୁଜୁ କରିଛି । ଅପରାଧିକ ଅବହେଳା ଅଭିଯୋଗରେ ଏକାଧିକ ସଂସ୍ଥାଙ୍କ ନାଁରେ ମାମଲା ରୁଜୁ କରାଯାଇଛି ।ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ଆରସିବି, କର୍ଣ୍ଣାଟକା ରାଜ୍ୟ କ୍ରିକେଟ ସଂଘ ଓ ଡିଏନ୍?ଏ ଏଣ୍ଟରଟେନମେଣ୍ଟ ନାଁରେ ମାମଲା ରୁଜୁ କରାଯାଇଛି । ତା' ମଧ୍ୟରେ ରହିଛି ଧାରା ୧୦୫ (ଉଦ୍ଦେଶ୍ୟ ନଥାଇ ହତ୍ୟା), ଧାରା ୧୨୫ (୧୨) (ଜୀବନକୁ ବିପଦରେ ପକାଇବା ବା ଅନ୍ୟମାନଙ୍କର ବ୍ୟକ୍ତିଗତ ସୁରକ୍ଷାକୁ ବିପଦରେ ପକାଇବା) ଓ ଧାରା ୧୪୨ (ବେଆଇନ ଭିଡ ଜମାଇବା) ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦ୍ରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

## ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଜୁନ ୬**

# ଶ୍ରୀ ଶିରିଡ଼ି ସାଇ ଓ ଧୁନି ମାହାତ୍ମ୍ୟ



ବିପିନ ବିହାରୀ ରାଉତ

ଭଗବାନ ଶ୍ରୀ ଶ୍ରୀ ଶିରିଡ଼ି ସାଇନାଥଙ୍କ ପୁଣ୍ୟ ପାବନଧାମ ଶିରିଡ଼ିରେ ଅଖଣ୍ଡ ଧୁନି ପ୍ରଜ୍ୱଳିତ ହେଉଛି । ଭଗବାନ ଦେହ ଧାରଣ ସମୟରେ ଧୁନିର ଉଦି ସମସ୍ତଙ୍କୁ ପ୍ରଦାନ କରି ସେମାନଙ୍କ ଦୁଃଖ, କଷ୍ଟ, ଯନ୍ତ୍ରଣା, ଅଭାବକୁ ଲାଘବ କରୁଥିଲେ । ବର୍ତ୍ତମାନ ବି ସମଗ୍ର ଭାରତ ବା ବିଶ୍ୱର ଅଧିକାଂଶ ଶିରିଡ଼ି ସାଇ ମନ୍ଦିରରେ ଅଖଣ୍ଡ ଧୁନି ପ୍ରଜ୍ୱଳିତ ହେଉଛି । ପ୍ରତି ଶିରିଡ଼ି ସାଇ ଆଶ୍ରିତଙ୍କ ପାଇଁ ଏହି ଧୁନି ଓ ଧୁନିର ଉଦି ହେଉଛି ସମସ୍ତ ପ୍ରକାର ଖୁସି, ଆନନ୍ଦ ଓ ମୋକ୍ଷର ସଞ୍ଜିବନୀ । ତେବେ ଏହି ଧୁନି ସମ୍ପର୍କରେ ଆସନ୍ତୁ କିଛି ଆଲୋଚନା କରିବା ।

ଧୁନି 'ଧୁନ୍' ଶବ୍ଦରୁ ଆନୀତ । ଯାହାର ଅର୍ଥ ପ୍ରଜ୍ୱଳିତ କରିବା । 'ଉଦି'ର ଅର୍ଥ ଗମନ । ଉଦି ବିତରଣ ଦ୍ୱାରା ବାବା ଆମକୁ ଏହି ଶିକ୍ଷା ଦେଉଥିଲେ ଯେ ଏହି ବ୍ରହ୍ମାଣ୍ଡର ସମସ୍ତ ପଦାର୍ଥ ଉଦି ବା ଭସ୍ମତୁଲ୍ୟ କ୍ଷଣସ୍ଥାୟୀ । ପଞ୍ଚତତ୍ତ୍ୱରେ ନିର୍ମିତ ଆମର ଏହି ଶରୀର ମଧ ସାଂସାରିକ ଭୋଗାଦି ପରେ ଦିନେ ବିନାଶ ହୋଇ ଭସ୍ମରେ ପରିଣତ ହେବ । ଭକ୍ତମାନଙ୍କୁ ଏହି କଥା ସ୍ମରଣ କରାଇବା ନିମନ୍ତେ ଅର୍ଥାତ୍ ସେମାନଙ୍କ ଶରୀର ବି ଶେଷରେ ଭସ୍ମରେ ପରିଣତ ହେବ, ବାବା ଉଦି ବିତରଣ କରୁଥିଲେ । ଉଦି ଦ୍ୱାରା ବାବା ଆଉ ଗୋଟିଏ ଶିକ୍ଷା ମଧ ପ୍ରଦାନ କରୁଥିଲେ ଯେ ବ୍ରହ୍ମ ହିଁ ସତ୍ୟ, ଜଗତ ମିଥ୍ୟା ଅଟେ । ଏହିସଂସାରରେ ବସ୍ତୁତଃ କିଏ କାହାର ପିତା, ପୁତ୍ର ବା ପତ୍ନୀ ନୁହେଁ । ଆମେ ଏକା ଆସିଛୁ ଏବଂ ଏକାହିଁ ଯିବା । ତେଣୁ ଯେ ପର୍ଯ୍ୟନ୍ତ ଏହି ଶରୀର ଭସ୍ମରେ ପରିଣତ ନ ହୋଇଛି, ସେ ପର୍ଯ୍ୟନ୍ତ ଭଲଭାବରେ ଆଖି ଖୋଲି ଦେଖ ଏବଂ ସାବଧାନ ହୋଇଯାଅ । ଏହି ସୁଯୋଗ ଚାଲିଗଲେ, ବାରମ୍ବାର ଫେରିବ ନାହିଁ ଓ ପରେ ଅନୁଶୋଚନ (ଅନୁତାପ) କରିବାକୁ ପଡ଼ିବ । ଭସ୍ମ ହୋଇଯିବା ପରେ ଯଦି ଏହି କଥା ବୁଝିବ, ତେବେ କ'ଣ ଲାଭ ହେବ ? ସୁତରାଂ ମନେ ରଖିବାକୁ ହେବ ଯେ ଏହି ଭବସାଗରରୁ ପାରି ହେବାପାଇଁ ଈଶ୍ୱର ଚିନ୍ତନ (ଈଶ୍ୱର ପ୍ରାପ୍ତି) ବିନା ଅନ୍ୟ କୌଣସି ରାସ୍ତା ବା ସାଧନ ନାହିଁ । ଯିଏ ଏହାକୁ ସ୍ୱୀକାର କରେନାହିଁ, ଜାଣ ସେ ନିଜର ଗୋଡ଼ରେ କୁରାଢ଼ୀ ମାରିବାଭଳି କାର୍ଯ୍ୟ କରୁଛି । ଦ୍ୱାରିକାମାଇର ପ୍ରତ୍ୟେକ କୋଣରେ ଏହି ତତ୍ତ୍ୱ ସମାହିତ ହୋଇଛି । ବିବେକପୂର୍ଣ୍ଣ ଭାବେ ବିଚାର କଲେ ଏହି କଥା ହୃଦୟଙ୍ଗମ ହୋଇଯିବ ।

ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ

# କାଳଜୟୀ ପ୍ୟାରୀମୋହନ



ବାଦଲ ଭୂୟାଁ

୧୮୭୫ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଓଡ଼ିଶାର ଇତିହାସ ଲେଖାଯାଇ ନଥିଲା । ତାହା ପୂର୍ବରୁ ଯାହାସବୁ ଲେଖାଯାଇଥିଲା, ସବୁ ଇଂରାଜୀରେ ଏବଂ ଅଣ-ଓଡ଼ିଆଙ୍କ ଦ୍ୱାରା । ହଣ୍ଟର, ଷ୍ଟର୍ଲିଂ ଓ ଟଏନ୍‌ବି ସାହେବ ଆଦି ଯେଉଁ ସବୁ ଓଡ଼ିଶା ଇତିହାସ ଲେଖିଥିଲେ, ସେସବୁ ଅସଂପୂର୍ଣ୍ଣ ଥିଲା । ଓଡ଼ିଆ ଜାତି ସଂପର୍କରେ ବହୁ କଥା ସେ ସବୁରେ ନଥିଲା । ମାତୃଭାଷାରେ ଜାତିର ଇତିହାସ ରଚନା ବିନା, ଲୋକଙ୍କ ଭିତରେ ଜାତୀୟତାଭାବ ଉଦ୍ରେକ ହୋଇପାରେନାହିଁ । ଏହା ବୁଝିଥିଲେ ପ୍ୟାରୀମୋହନ ଆଚାର୍ଯ୍ୟ ଏବଂ ଓଡ଼ିଆ ଭାଷାରେ ଆମ ଜାତିର ଇତିହାସ ଲେଖା ଆରମ୍ଭ କରିଥିଲେ । ଏଥିପାଇଁ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା । ଅତୀତର ସମସ୍ତ ଘଟନା ପ୍ରବାହକୁ ସେ ନିଜ ପୁସ୍ତକରେ ସ୍ଥାନ ଦେବାରେ ସଫଳ ହୋଇଥିଲେ । ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରି ରଚନା କରିଥିଲେ ଓଡ଼ିଶା ଇତିହାସ, ଯେଉଁଟି ଉତ୍କଳୀୟଙ୍କ ମଧ୍ୟରେ ଉତ୍କଳୀୟ ଭାବ ଜାଗ୍ରତ କରିବାରେ ସକ୍ଷମ ହୋଇଥିଲା । ନିଜେ ବଙ୍ଗୀୟ ଥିଲେ ହେଁ ଓଡ଼ିଶା ଏବଂ ଓଡ଼ିଆ ଭାଷା, ତାଙ୍କ ପାଇଁ ଥିଲା ସବୁକିଛି । ପ୍ୟାରୀମୋହନ ଥିଲେ ସ୍ୱାଧୀନଚେତା ଓ ମାନବବାଦୀ । ସଦାସର୍ବଦା ମାନବ ସମାଜର ଉନ୍ନତି କାମନା କରୁଥିଲେ । ଅନ୍ୟାୟ, ଅନୀତି, କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ । ସାଧାରଣ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ୧୮୭୧ରେ ଉତ୍କଳ ପୁତ୍ର ନାମକ ସମ୍ବାଦପତ୍ରର ପ୍ରକାଶନ ଆରମ୍ଭ କରିଥିଲେ । ଶିକ୍ଷାର ବିକାଶ ପାଇଁ ସେ ଖୋଲିଥିବା ବିଦ୍ୟାଳୟ, ୧୮୭୯ରେ କଟକ ଏକାଡ଼େମୀ ନାମକ ଉଚ୍ଚ ବିଦ୍ୟାଳୟରେ ପରିଣତ ହୋଇଥିଲା, ଯେଉଁଟି ଆଜି ସଗର୍ବେ ପ୍ୟାରୀମୋହନ ଏକାଡ଼େମୀ ଭାବେ ଛିଡ଼ା ହୋଇ ତାଙ୍କ ସ୍ମୃତିଚାରଣ କରୁଛି । ବିଦ୍ୟାର୍ଥୀଙ୍କ ଅର୍ଥରେ ବିଦ୍ୟାଳୟ ଚଳାଇବା ସଂଭବ ନହେବାରୁ, ତାଙ୍କୁ ପୁଣି ଥରେ ଚାକିରି କରିବାକୁ ପଡ଼ିଥିଲା । ଡମପଡ଼ା ରାଜ୍ୟର ମ୍ୟାନେଜର ଭାବେ ସେ ନିଯୁକ୍ତି ପାଇଥିଲେ । ତତ୍କାଳୀନ ରାଜକୁମାରଙ୍କ ଗୃହ ଶିକ୍ଷା ଭାର ଗ୍ରହଣ କରିଥିଲେ । ଯାହା ବେତନ ପାଉଥିଲେ ସବୁ ନିଜ ବିଦ୍ୟାଳୟର ପରିଚାଳନାରେ ବ୍ୟୟ ହେଉଥିଲା । ୧୮୫୧ ଅଗଷ୍ଟ ଆଜିର ଦିନରେ କୁଆଁପାଳ ଅନ୍ତର୍ଗତ ପଶ୍ଚୁଲୁଣ୍ଡା ଗ୍ରାମରେ ସେ ଜନ୍ମ ହୋଇଥିଲେ ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,

# ଦୁର୍ବଳ ଆଇନ ଓ ବର୍ଦ୍ଧିଷ୍ଣୁ ଅପରାଧ



ଗଙ୍ଗାଧର ସାମଲ

ଭାରତୀୟ ପିଙ୍ଗଳ କୋଡ଼ ଅପରାଧୀ ପାଇଁ ପାଞ୍ଚ ପ୍ରକାର ଦଣ୍ଡର ବ୍ୟବସ୍ଥା କରିଛି – ମୃତ୍ୟୁଦଣ୍ଡ, ଆଜୀବନ କାରାଦଣ୍ଡ, ସଶ୍ରମ ବା ଅଶ୍ରମ କାରାଦଣ୍ଡ, ଅର୍ଥଦଣ୍ଡ ଓ ସମ୍ପତ୍ତି ଜବତ । ପ୍ରତ୍ୟେକ ଅପରାଧ ପାଇଁ ସର୍ବନିମ୍ନ ତଥା ସର୍ବୋଚ୍ଚ ଦଣ୍ଡର ବ୍ୟବସ୍ଥା ରହିଛି । ଅପରାଧୀ, ଅପରାଧର ବିଭାଗ ଓ ଅନ୍ୟାନ୍ୟ ବିଷୟକୁ ବିଚାରକୁ ନେଇ ବିଚାରପତି ସଂପୃକ୍ତ ଦୋଷୀଙ୍କୁ ଦଣ୍ଡ ପ୍ରଦାନ କରିଥାନ୍ତି । ଆଇନରେ କେତେକ ନୃଶଂସ ଓ ଗର୍ହିତ ଅପରାଧ ପାଇଁ ଯଦିଚ ମୃତ୍ୟୁଦଣ୍ଡର ବ୍ୟବସ୍ଥା ରହିଛି, ଏହି ଦଣ୍ଡକୁ ଦେଶରେ ପ୍ରାୟତଃ ନିଷ୍କ୍ରିୟ କରି ଦିଆଯାଇଛି । ଗତ ୧୦ ବର୍ଷ ମଧ୍ୟରେ ୧୩୦୩ ଜଣ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ବେଳେ, ମାତ୍ର ୬ଜଣଙ୍କୁ ଏହି ସମୟ ମଧ୍ୟରେ ଫାଶୀ ଦିଆଯାଇଥିଲା । ଏମାନଙ୍କ ମଧ୍ୟରୁ ୪ଜଣଙ୍କୁ ନିର୍ଭୟା ମାମଲାରେ ଗତ ୨୦୨୦ ସାଲରେ ଶେଷ ଥର ପାଇଁ ଫାଶୀ ଦିଆଯାଇଛି । ଗତ ୭୩ ବର୍ଷ ମଧ୍ୟରେ ମାତ୍ର ୧୭୪ ଜଣଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଛି । ଅନେକ ନୃଶଂସ ହତ୍ୟା ମାମଲା ପାଇଁ ଯଦିଚ ଆମ ଆଇନରେ ସର୍ବୋଚ୍ଚ ଦଣ୍ଡ ମୃତ୍ୟୁଦଣ୍ଡ ରହିଛି, ତଥାପି ଅନେକ ଏଭଳି ଅପରାଧରେ ଲିପ୍ତ ଦୋଷୀଙ୍କୁ ତାହା ପ୍ରଦାନ ନକରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରୁଛନ୍ତି । ସମୟକ୍ରମେ ଏହି ଆଜୀବନ କାରାଦଣ୍ଡ, ଆମ ସମ୍ବିଧାନ ଓ ବିଭିନ୍ନ ଆଇନରେ କେତେକ ବ୍ୟବସ୍ଥା ଯୋଗୁଁ ୨୦ ବର୍ଷ ବା ୧୪ ବର୍ଷ କାରାଦଣ୍ଡରେ ପରିବର୍ତ୍ତିତ ହେଉଛି । ମାନ୍ୟବର ସୁପ୍ରିମକୋର୍ଟ ନିଜେ 'ଗୋପାଲ ବିନାୟକ ଗଡ଼ସେ ବନାମ ମହାରାଷ୍ଟ୍ର ରାଜ୍ୟ (୧୯୬୦)' ଏବଂ 'ମହମ୍ମଦ ମୁନ୍ନା ବନାମ ଭାରତୀୟ ରାଷ୍ଟ୍ର ସଂଘ (୨୦୦୫)' ଇତ୍ୟାଦି ନିଷ୍ପତ୍ତିରେ ସ୍ପଷ୍ଟ କରିଦେଇଛନ୍ତି ଯେ ଆଜୀବନ କାରାଦଣ୍ଡର ଅର୍ଥ ହେଲା ସମଗ୍ର ଜୀବନ ପାଇଁ ଅପରାଧୀ ବନ୍ଦୀ ଜୀବନଯାପନ କରିବ । ଏହା ସତ୍ତ୍ୱେ ଫୌଜଦାରୀ ପ୍ରକ୍ରିୟା ସଂହିତାର ଧାରା ୪୩୨, ୪୩୩, ୪୩୩ (କ) ଏବଂ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୫୪, ୫୫ ଓ ୫୭ ତଥା ରାଜ୍ୟ କାରାଗାର ଆଇନର ବିଭିନ୍ନ ବ୍ୟବସ୍ଥା ଯୋଗୁଁ ଆଜୀବନ କାରାଦଣ୍ଡ ପାଇଥିବା ଦୋଷୀମାନଙ୍କୁ ତାଙ୍କର ଜୀବିତାବସ୍ଥାରେ କାରାଦଣ୍ଡରୁ ମୁକ୍ତ କରାଯାଉଛି । ଅନେକ ଏଭଳି ଅପରାଧୀ ପରବର୍ତ୍ତୀ କାଳରେ ନିଜେ ଅଧିକ ଅପରାଧ କରିବାକୁ ଉତ୍ସାହିତ ହେଉଥିବା ସଙ୍ଗେ ସଙ୍ଗେ ଅନ୍ୟ ଅପରାଧୀ ମାନଙ୍କୁ ମଧ୍ୟ ଅପରାଧ କରିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି । ଏ କ୍ଷେତ୍ରରେ ପ୍ରଶାସନ ସହିତ ଆମ ସମସ୍ତଙ୍କର ସଚେତନଧର୍ମୀ ଗୁରୁ ଦାୟିତ୍ୱ ରହିଛି ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୨୨୬୬୪୭*

# ମହତ୍ ପୁରୁଷର ମାପକାଠି



ଉମାଶଙ୍କର ପ୍ରସାଦ

ଜଣେ ମହତ ପୁରୁଷ ପାଇଁ ବୈଦେଶିକ ଶାସନ କାଳରୁ 'Very Important Person' ଏହି ସୂଚକ ଶବ୍ଦାବଳୀ ବ୍ୟବହୃତ ହୋଇ ଆସୁଅଛି । ଉତ୍କଳୀୟ ଭାଷାରେ ଏହାକୁ ଅର୍ଥ କଲେ ଉ  ମ ପୁରୁଷ ବା ମହତ ପୁରୁଷ ବୁଝାଇବ । ପ୍ରକୃତରେ ବିବେଚନା କଲେ ଏହାର ମୌଳିକତା ବା ସାମାଜିକ ଉପଯୋଗିତା କଣ ଅଛି ? ଏହି ଉପରୋକ୍ତ ଇଂରାଜୀ ତିନୋଟ ଶବ୍ଦ ପ୍ରଶାସନିକ ସ୍ତରରେ ଭିନ୍ନ ଭିନ୍ନ ଅଟେ । ରାଜ୍ୟରୁ ଆରମ୍ଭ କରି କେନ୍ଦ୍ର ପର୍ଯ୍ୟ' ବିଭିନ୍ନ ଅଧିକାରୀ ଙ୍କୁ ଭି.ଆଇ.ପି କୁହାଯାଏ । ଏମାନେ ସମସ୍ତେ ପବ୍ଲିକ ସର୍ଭେ  ଜନ ସାଧାରଣଙ୍କ ସେବା କରିବା ପାଇଁ ଏମାନେ ଉଦ୍ଦିଷ୍ଟ । ଏମାନେ ସମାଜର, ଦେଶର ସେବାକାର୍ଯ୍ୟରେ ବିନିଯୁକ୍ତ । ସେଥିପାଇଁ ଜୀବ ଥିବା ଯାଏ ଏମାନେ ସମସ୍ତ ସୁବିଧା ସୁଯୋଗର ଅଧିକାରୀ । ଏମାନଙ୍କ ବିନା କୁଆଡେ ଦେଶରେ ବା ସମାଜରେ ମହତ କାର୍ଯ୍ୟ ସାଧିତ ହେବା ସମ୍ଭବ ନୁହେଁ । କିନ୍ତୁ ପ୍ରକୃତରେ ବିବେଚନା କଲେ ମହତ 'ପୁରୁଷ' ର ମାପକାଠି ଯେ କେବଳ ଉଚ୍ଚ ପଦସ୍ଥ ଓ ପଦମର୍ଯ୍ୟାଦା ସମ୍ପନ୍ନ ଅଧିକାରୀ ଏହା ମୋ ମତରେ ସାମାଜିକ ସ୍ତରରେ ଗ୍ରହଣୀୟ ନୁହେଁ । ସମାଜର କଲ୍ୟାଣ ପାଇଁ ବହୁ ଗରିଷ୍ଠ ଓ ବରିଷ୍ଠ ବ୍ୟକ୍ତିଙ୍କ ଅବଦାନ ରହିଛି କିନ୍ତୁ ସେମାନେ କ'ଣ ମାପକାଠିରେ ପହଂଚି ପାରୁଛନ୍ତି ?

ଏପରି ବହୁ ଦ୍ୱନ୍ଦାତ୍ମକ କାର୍ଯ୍ୟ କଳାପ ସମାଜରେ ସଙ୍ଗଠିତ ହେଉଛି ଯାହା ସାଧାରଣ ଲୋକଙ୍କୁ ମୌଳିକ ଚେତନାରୁ ଦୁରେଇ ଦେଉଛି । ଚିନ୍ତାଶୀଳ ବ୍ୟକ୍ତି ମାନଙ୍କ ମନରେ ଗୋଟିଏ ପ୍ରଶ୍ନ ସେମାନଙ୍କୁ ଭାରାକ୍ରାନ୍ତ କରୁଛି ଯାହା ହେଲା 'ସେବା ସର୍ବସ୍ୱ ନା ଅଧିକାର ସର୍ବସ୍ୱନ୍ତ ? ପ୍ରତିଭାକୁ ସମ୍ମାନ ଜଣାଇବା ତଥା ପୂଜା କରିବା ଏକାନ୍ତ ଆବଶ୍ୟକ- ଯଦି ପ୍ରତିଭା କ୍ଷୁନ୍ନ ହେବ ତେବେ ସମାଜ ମ୍ଲାନ ହୋଇଯିବ । ଜଣେ ଲୋକ ପ୍ରତିନିଧି ସମାଜ ସେବକ କିନ୍ତୁ ତାର ସମାଜ ପ୍ରତି ନିଷ୍ଠା ହିଁ ସମାଜ କଲ୍ୟାଣ ସାଧିତ କରିପାରେ । କିନ୍ତୁ ବହୁ ପ୍ରତିଭାବାନ୍ ଓ ନିଷ୍ଠାପର ବ୍ୟକ୍ତି ଏହି ସ୍ତରକୁ ଆସି ପାରନ୍ତିନି, ଏହାର କାରଣ ପ୍ରଶ୍ନବାଚୀ ହିଁ ହୋଇ ରହିଯାଏ !

ଭାରତ ବର୍ଷ ଦେବଭୁମି, ଏହାର ପାଣି, ପବନ, ମାଟି ପୁତ ଓ ପବିତ୍ର । ଏହାଦ୍ୱାରା ପରିପୃଷ୍ଟ ବ୍ୟକ୍ତିହିଁ ମହତ । ଏହାର ଅଧିକାରୀ ଅସ୍ୱାକ୍ଷର ହୋଇପାର୍‌ନ୍ତି ମାତ୍ର ଅଜ୍ଞ ନୁହଁନ୍ତି । ପ୍ରାଜ୍ଞ ଓ ବିଚାର ବୁଦ୍ଧି ସମ୍ପନ୍ନ । ଭୌତିକ ଅଧିକାରରେ ଉଚ୍ଚ, ନୀଚ, ପର ଓ ଅପର ବିଚାର ଭେଦ ଏଠାରେ ନାହିଁ । ପରମାତ୍ମାଙ୍କ ସନ୍ଧାନ ହିଁ ଶ୍ରେଷ୍ଠ କାର୍ଯ୍ୟ । ଏଥିରେ ଯିଏ ଯେତେ ନିଜର ସାଧନା ବଳବତର କରି ପାରିଛି ତାର ସେହି ହିଁ ଶ୍ରେଷ୍ଠ ସମ୍ବଳ । ସେ ଖୋଜି ଚାଲେ 'ପୁରୁଷ' ଶବ୍ଦର ମାନ ଓ ପରୁଷୋ  ମ । :- 'ବେଦାମେତଂ ପୁରୁଷ ମହା'-

ମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ।
ତମେବ ବିଦିତ୍ୱାତି ମୃତ୍ୟୁମେତି-
ନାନ୍ୟଃ ପନ୍ଥା ବିଦ୍ୟତେଃୟକାୟା।
(ଶ୍ୱେତାଶ୍ୱେତପନିଷଦ)

ଆସନ୍ତୁ  ଆମେ ସେହି ମହତ ପୁରୁଷ ବା 'ପୁରୁଷୋ  ମ' ଙ୍କୁ ଜାଣିବାକୁ ଚେଷ୍ଟା କରିବା । ଏହି ମହତ ପୁରୁଷ ଯିଏ ମାନବ ସମାଜକୁ ଘନ ଅନ୍ଧକାରରୁ ଉଜ୍ଜ୍ୱଳ ସୂର୍ଯ୍ୟ ସଦୃଶ ତେଜ ପ୍ରଦାନ କରି ଜନ୍ମ ଓ ମୃତ୍ୟୁର ଚକ୍ରରୁ ମୁକ୍ତି ପ୍ରଦାନ କରିଥାନ୍ତି । ସେ ଗତି ମୁକ୍ତି ଦାତା , ତାଙ୍କ ବିନା ଏ ମାନବର ଅନ୍ୟ ପନ୍ଥା ନାହିଁ । ସେହି ମହତ ପୁରୁଷଠାରୁ କେହି ଉତ୍କୃଷ୍ଟ ବା ଭିନ୍ନ ନହେଁ । ତା ଠାରୁ କେହି ସୂକ୍ଷ୍ମ ଓ ଚିରନ୍ତନ ନାହିଁ ସେ ମେରୁ ପରି ଅଚଳ ବା ସ୍ଥିର ଓ ନିଜର ପ୍ରତିଭା ଦ୍ୱାରା ପ୍ରତିଷ୍ଠିତ କିନ୍ତୁ ଆଜିର ଭି.ଆଇ.ପି ସେଭଳି ପ୍ରତିଭା ସମ୍ପନ୍ନ ନୁହନ୍ତି । ମୋ ପୁରୁଷୋ  ମଙ୍କ ଠାରେ ସମସ୍ତ ବିଶ୍ୱ ପରିପୂର୍ଣ୍ଣ ଅଟେ । 'ମହାନ୍ ପ୍ରଭୁର୍ବୈ ପୁରୁଷବସତ୍ୱସୈଷ ପ୍ରବତକଃ / ସୁନିର୍ମଳମିମାଂ ପ୍ରାପ୍ତିମିଶାନୋ ଜ୍ୟୋତିରବ୍ୟୟଃ' । (ଶ୍ୱେତାଶ୍ୱେତ)

ସେହି ମହାନ୍ ପୁରୁଷ ବା ପୁରୁଷୋ  ମଙ୍କ ହସ୍ତ ପଦ ନାହିଁ କିନ୍ତୁ ଗତିଶୀଳ ଓ ପ୍ରତ୍ୟେକ ଦ୍ରବ୍ୟ ଗ୍ରହଣ କରୁଛନ୍ତି । ଏହାକୁ ଲକ୍ଷ କରି ସନ୍ଥ ଗୋସ୍ୱାମୀ ତୁଳସୀ ଦାସ ନିଜ 'ରାମ ଚରିତ ମାନସରେ' ଲେଖିଲେ 'ବିନୁ ପଦ ଚଲହିଁ ସୁନଇ ବିନୁ କାନା / କରବି ନୁ କରମ କରଇ ବିଧି ନାନା / ଆନନ ରହିତ ସକଲ ରସ ଭୋଗୀ / ବିନୁ ବାଣୀ ବକତା ବଡ ଯୋଗୀନ୍ତ । ପାଦ ନଥାଇ ଚଳମାନ, କାନ ନାହିଁ କିନ୍ତୁ ସାରା ଜଗତର କଥା ଶୁଣି ପାରନ୍ତି, ହାତ ନାହିଁ କିନ୍ତୁ ସଂସାରର ସମସ୍ତ କର୍ମ କରିଥାନ୍ତି ଏବଂ ସକଳ ରସକୁ ଆସ୍ୱାଦନ କରିଥାନ୍ତି ଏବଂ ସଂସାରର ପ୍ରଗଳ୍ଭ ବକ୍ତା ଯିଏ ଅର୍ଜୁନଙ୍କ 'ମୁଁ' ଓ 'ମୋର' ଏହି ଦୁଇଟି ଶବ୍ଦର ବିଲୋପ ପାଇଁ ମହାଭାରତ ରଣକ୍ଷେତ୍ରରେ ଅଠର ଅଧ୍ୟାୟ ଗୀତା କହିଥିଲେ । ସେ ହେଉଛନ୍ତି ମହାନ୍ ପୁରୁଷ- ବା ପୁରୁଷୋ  ମ ଭାବରେ ଅଭିଜ୍ଞାତ । ସେହି କୋଟି କୈବଲ୍ୟର ନାଥ ଜଗନ୍ନାଥ ପୁରୁଷୋ  ମଙ୍କୁ ଆମ୍ଭେ ଯେତେ ଚାହିଁଲେ ବି କୌଣସି ସଙ୍କୁଚିତ ଗଣ୍ଡି ମଧ୍ୟରେ ରଖି ପାରିବା ନାହିଁ । ସେ ନୀଳାଚଳ ନାଥ 'ପୁରୁଷୋ  ମ' ଭାବେ ଖ୍ୟାତ । ନୀଳ ପର୍ବତରେ କାଠ ଖଣ୍ଡେ ଯେଉଁଠାରେ ଦାରୁ ବ୍ରହ୍ମ ପାଲଟି ଯାଏ । ସେହିଁ କେବଳ ପୁରୁଷୋ  ମ । ଏଭଳି ମହତ ପୁରୁଷ, ଗଜପତି ଠାକୁର ରାଜା ଯାହାର ରଥ ମାର୍ଜନା କରିଥାନ୍ତି, ବାସ୍ତବିକ ତାଙ୍କଠୁ ବଳି ଠ.ଓ.ଚ ବା ମହତ ପୁରୁଷ, ପୁରୁଷୋ  ମ ଆଉ କାହାକୁ କୁହାଯାଇ ପାରିବ । ତାଙ୍କ ମାପକାଠି ଆଜିକାଲିର ଏ ଧୋବ ଧୋବଳିଆ ନିଜକୁ ଯେତେ ମହତ କହିଲେ ବି ତାଙ୍କ କାର୍ଯ୍ୟ ଧାରା ତାଙ୍କୁ କଦା କାଳକୁ ମହତ ପୁରୁଷର ଆଖ୍ୟା ଦେବନାହିଁ ।

*ସମ୍ପାଦକ, ମାର୍ଗଦର୍ଶୀ,*
*ଖୋର୍ଦ୍ଧା ମୋ-୬୩୭୦୬ ୭୫୫୬୨*

# ମୁଣ୍ଡ ନେଉଛି ଜାଇକା; କାଳ ସାଜିଛି ବକ୍ସ ଡ୍ରେନ୍ ନିଷ୍କାସିତ ହୋଇପାରୁନି ବର୍ଷାଜଳ



ମହେଶ୍ୱର ରାଓ

ସହରର ମୁଖ୍ୟ ନାଳ ଜାଇକା କାମ ଯୋଗୁଁ ଅବ୍ୟବସ୍ଥିତ ହୋଇପଡ଼ିଥିବା ବେଳେ ଛୋଟବଡ଼ ନାଳଗୁଡ଼ିକ ପଙ୍କରେ ପୋତି ହୋଇପଡ଼ିବାରୁ ଜଳ ନିଷ୍କାସନ କ୍ଷମତା ଯଥେଷ୍ଟ ହ୍ରାସ ପାଇଛି । ଏଥିଯୋଗୁଁ ପ୍ରତିବର୍ଷ ସହରବାସୀ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ୩୦ ମିମିରୁ ଅଧିକ ବର୍ଷା ହେଲେ ପ୍ରାୟ ୧୧୦୦ କିମି ନାଳରେ ବର୍ଷାଜଳ ନିଷ୍କାସନ ହୋଇପାରିବନି ବୋଲି ଏକ ଆକଳନରୁ ଜଣାପଡ଼ିଛି । ନାଳ ସମସ୍ୟାକୁ ସୁଧାରିବା ପାଇଁ ଏକ ନୂତନ ଡ୍ରେନେଜ ଡିଭିଜନ ବିଭାଗ ଖୋଲିବା ପାଇଁ ପରିକଳ୍ପନା କରାଯାଇଥିଲେ ମଧ ତାହା କାଗଜକଲମରେ ସୀମିତ ରହିଛି ।

ଏହି ଆଠମାସ ମଧ୍ୟରେ କେବଳ ଜାଇକାରେ ଚାରୋଟି ମୁଣ୍ଡ ଚାଲିଗଲାଣି । ପୂର୍ବରୁ କେତେ ଯାଇଛି ତାହାର ହିସାବ ନାହିଁ । ଏମିତି ଗୋଟେ ପରେ ଗୋଟେ ମୁଣ୍ଡ ଜାଇକାରେ ଯାଉଛି । କିନ୍ତୁ କର୍ତ୍ତୃପକ୍ଷ ଚପ୍ । ନା କଟକ ମହାନଗର ନିଗମ ନା ଜାଇକା କର୍ତ୍ତୃପକ୍ଷ କେହି କିଛି କରୁଛନ୍ତି କି' ପଦକ୍ଷେପ ଗ୍ରହଣ ରୁଛନ୍ତି । ବର୍ଷାଦିନେ ଏହି ସମସ୍ୟା ଆହୁରି ସାଂଘାତିକ ଅବସ୍ଥା ହେଲାଣି । ଜାଇକା ବକ୍ସଡ୍ରେନ ନିର୍ମାଣ କାର୍ଯ୍ୟ ଶେଷ ହେଉ ନଥିବାରୁ ପାଣି ନିଷ୍କାସନରେ ସମସ୍ୟା ଦେଖାଦେଇଛି । ଜାଇକା ପକ୍ଷରୁ କଟକ ସହରରେ ଡ୍ରେନେଜ୍ ଠାରୁ ଆରମ୍ଭ କରି ବକ୍ସଡ୍ରେନ ପର୍ଯ୍ୟନ୍ତ ନିର୍ମାଣ ଚାଲିଛି । ପ୍ରାୟ ୧୨ ବର୍ଷ ଧରି ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ ଏହା ଶେଷ ହେଉନାହିଁ । ବାରମ୍ବାର ଶେଷ ହେବା ପାଇଁ କଣ୍ଟ ଧାର୍ଯ୍ୟ ହେଉଛି । ପ୍ରଥମେ ୨୦୧୮ ସେପ୍ଟେମ୍ବରରେ ଶେଷ ହେବ ବୋଲି କୁହାଗଲା । କିନ୍ତୁ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ । ଫଳରେ ପୁନର୍ବାର ୨୦୨୨ ଡିସେମ୍ବରକୁ କାମ ଶେଷ ହେବ ବୋଲି ଧାର୍ଯ୍ୟ ହୋଇଥିଲା । ଏବେ ଏହି ସମୟ ଯାଇ ୨୦୨୩ ଶେଷ ହେବାକୁ ବସିଛି । କିନ୍ତୁ ଚଳିତବର୍ଷ ମଧ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରିବ ନାହିଁ ବୋଲି ଜଳ ଜଳ ଦିଶୁଛି । ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ନ ହୋଇ ବାରମ୍ବାର ସମୟ ଗଡ଼ାଇ ଚାଲିଥିବାରୁ ପ୍ରକଳ୍ପ ଅର୍ଥ ୭୫୦ କୋଟିରୁ ଆସି ୩ ହଜାର ୭୦ କୋଟିରେ ପହଞ୍ଚିଲାଣି । କିନ୍ତୁ ଏହି ପ୍ରକଳ୍ପ ପାଇଁ କଟକ ସହରରେ ଅନେକ ମୁଣ୍ଡ ଚାଲିଗଲାଣି । ଚଳିତ ବର୍ଷ ମେ' ୨୯ ତାରିଖ ଦିନ ମାତୃଭବନ ନିକଟରେ ଚାଲିଥିବା ନିର୍ମାଣ କାର୍ଯ୍ୟ ପାଇଁ ସେଠାରେ ଏକ କାରରେ ଯାଉଥିବା ଦମ୍ପତି ନାଳରେ ଗଳି ପଡ଼ିଥିଲେ । ଏଥିରେ ସ୍ୱାମୀଙ୍କର ମୃତ୍ୟୁ ହୋଇଯାଇଥିଲା । ମେ' ୩୦ ତାରିଖ ଦିନ ଜଣେ ଛାତ୍ରୀ ମଧ ଏହି ବକ୍ସଡ୍ରେନ୍‌ରେ ଅଟକି ଯିବାରୁ ମୃତ୍ୟୁ ହୋଇଥିଲା । ଜୁଲାଇ ୧୬ରେ ରାଜସ୍ଥାନର ଜଣେ ଯୁବକଙ୍କ ମଧ ଏହି ବକ୍ସଡ୍ରେନ ପାଇଁ ଜୀବନ ଚାଲିଗଲା । ଗତ ୭ ତାରିଖରେ ଜଣେ ସଫେଇ କର୍ମଚାରୀ ନରସିଂହ ରାଓଙ୍କର ମଧ ସ୍ୱରେଜ ଟାଙ୍କି ସଫା କରୁଥିବାବେଳେ ମୃତ୍ୟୁ ହୋଇଯାଇଥିଲା । ଏଥିରୁ ମାତ୍ର ଜଣଙ୍କର ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯାଇଛି । ଏ ସଂକ୍ରାନ୍ତରେ ସିଏମସି ଏବଂ ଜାଇକାରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ ।

ନାଳ ନିର୍ମାଣ ଢ଼ାଞ୍ଚା ଢ଼ାଞ୍ଚା ଠିକ ଭାବେ ହୋଇଯାଇ ନଥିବାରୁ ସାମାନ୍ୟ ବର୍ଷା ହେଲେ ପରିସ୍ଥିତି ଜଟିଳ ହେଉଛି । ରାସ୍ତା ଓ ଡ୍ରେନ ଏକାକାର ହେବା ସହିତ ଘଣ୍ଟା ଘଣ୍ଟା ଧରି ଦୂଷିତ ଜଳ ଜମି ରହୁଛି । ଓଡ଼ିଶା ପୌର ନିଗମ ନିୟମ ଅନୁଚ୍ଛେଦ ୨୮୭ (୧) ଅନୁଯାୟୀ ସହରରୁ ଜଳ ନିଷ୍କାସନ କରିବା ପାଇଁ ଆବଶ୍ୟକ ନୂତନ ନାଳ ନିର୍ମାଣ, ମରାମତି ଏବଂ ଏହାର ରକ୍ଷଣାବେକ୍ଷଣ କରିବା ଦାୟିତ୍ୱ ନିଗମ ଉପରେ ନ୍ୟସ୍ତ କରାଯାଇଛି । ସମ୍ପ୍ରତି ମହାନଗର ନିଗମ ଏହା କରୁଥିଲେ ସୁଦ୍ଧା ତାହାକୁ ସୁଚାରୁରୂପେ ସମ୍ପାଦିତ କରିପାରୁନାହିଁ । ଉପଯୁକ୍ତ ଜ୍ଞାନକୌଶଳ ଓ ଯୋଜନା ଅଭାବ ସହିତ ଭବିଷ୍ୟତକୁ ଦୃଷ୍ଟି ରଖି ନାଳ ବ୍ୟବସ୍ଥା ତିଆରି କରାଯାଉନାହିଁ । ଏଥିପାଇଁ ଆବଶ୍ୟକ ଡ୍ରେନେଜ ଡିଭିଜନ ନଥିବାରୁ ତାହା ହୋଇପାରୁନାହିଁ । ମହାନଗର ନିଗମରେ ଥିବା ଯନ୍ତ୍ରୀମାନେ ଏଥିପ୍ରତି ଯତ୍ନବାନ ହେଉନାହାଁନ୍ତି । ପୂର୍ବରୁ ଥିବା ନାଳ ଗୁଡ଼ିକ ଭୌଗୋଳିକ ଦୃଷ୍ଟିକୋଣରୁ ନିର୍ମାଣ ହୋଇ ନଥିବାରୁ ସେଥିରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି । ସମ୍ପ୍ରତି ସହରରେ ୧୭୨୪ କିଲୋମିଟର ପର୍ଯ୍ୟନ୍ତ ନାଳ ପରିବ୍ୟାପ୍ତ ହୋଇଛି । ସେଥିରୁ ମୁଖ୍ୟ ନଳ ଏମଏସଡବ୍ଲ୍ୟୁସି-୧ ଓ ଏମଏସଡବ୍ଲ୍ୟୁସି-୨ରେ ଦୂଷିତ ଜଳ ପ୍ରବାହିତ ହୋଇ ନଦୀରେ ମିଶୁଛି । ୨୯ କିଲୋମିଟର ଶାଖା ନାଳ ରହିଥିବାବେଳେ ୬୫୦ କିଲୋମିଟର ମଧ୍ୟମ ଏବଂ ୧୦୨୮ କିଲୋମିଟର କଚ୍ଚା ନାଳ ସହରରେ ରହିଛି । ଏହି ନାଳ ଗୁଡ଼ିକ ମଧ୍ୟରୁ ପ୍ରାୟ ୧୧୦୦ କିମି ନାଳ ଅବ୍ୟବସ୍ଥିତ ଭାବେ ରହିଥିବାରୁ ପ୍ରତିବର୍ଷ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜୁଛି । ଅନ୍ୟପକ୍ଷରେ ପ୍ଲାଷ୍ଟିକ, ପଲିଥିନ ଓ ଆବର୍ଜନା ଆଦି ନାଳରେ ଭର୍ତ୍ତି ହେବା ଯୋଗୁଁ ଅର୍ଦ୍ଧାଧିକ ନାଳରେ ଜଳ ନିଷ୍କାସିତ ହୋଇପାରୁନାହିଁ । ଏହି ସମସ୍ୟାକୁ ସୁଧାରିବା ପାଇଁ କର୍ତ୍ତୃପକ୍ଷ ୨୦୧୫ରେ ସ୍ୱତନ୍ତ୍ର ଭାବେ ଡ୍ରେନେଜ ବିଭାଗ ଖୋଲିବା ପାଇଁ ଯୋଜନା କରିଥିବାବେଳେ ୨୦୧୭ ଅକ୍ଟୋବର ୩୧ରେ କାଉନସିଲ ବୈଠକରେ ଅନୁମୋଦନ ହୋଇଥିଲା, କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ଡିଭିଜନର କୌଣସି ପ୍ରକ୍ରିୟା ଆଗେଇ ପାରିନାହିଁ । ସିଏମସି କର୍ତ୍ତୃପକ୍ଷ ଏଥିନେଇ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଉପରେ ଚାପ ପ୍ରୟୋଗ କରୁନାହାନ୍ତି । ନାଳ ନିର୍ମାଣ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦେଉଛନ୍ତି । ନିର୍ମାଣରେ ବୈଷୟିକ ତ୍ରୁଟି ରହୁଥିବାରୁ ଜଳ ନିଷ୍କାସିତ ହୋଇପାରୁନାହିଁ । ଏଥିପାଇଁ ଅଯଥାରେ ଅର୍ଥଶ୍ରାଦ୍ଧ କରାଯାଉଛି ।

*ତନ୍ତୀ ସାହି (ଓଡ଼ିଆ ବଜାର), ଦରଘା ବଜାର, କଟକ,*
*ଦୂରଭାଷ : ୯୦୪୦୨୨୮୪୯୧*

# ଜୀବନର ଶେଷ ଲକ୍ଷ୍ୟ ଅଙ୍ଗଦାନ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି । ଆମ ଦେଶରେ ଯକୃତ, ବୃକକ୍, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ ଦାନ କରାଯାଏ । ଅଙ୍ଗଦାନ ଦୁଇ ପ୍ରକାରର ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ । ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ । ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା । ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ । କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ ଦାନ କରାଯାଇପାରେ । ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍ । କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ । ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ । ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ । ଫୁସ୍‌ଫୁସ୍ ଏବଂ ଯକୃତ ମଧ ଜୀବିତ ବ୍ୟକ୍ତି ଦାନ କରିପାରିବେ । ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ । ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ । କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ । ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ । ତାହାର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଞ୍ଚାଳନ ଅଟକିଯାଏ । ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ । ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ । ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ । ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ । ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ । ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି । କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ । କିନ୍ତୁ ବ୍ରେନ୍ ଡେଥ୍‌ରେ ଜୀବନର କୌଣସି ସମ୍ଭାବନା ନଥାଏ । ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ । ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ । ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ । ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ । ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ ।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡେ଼ଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି । ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ । ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ । ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନର କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତତି, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ ବେଆଇନ ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭




# କାମତ ଗ୍ରୁପ ସାରା ଭାରତରେ ପରିବେଶ ସୁରକ୍ଷା ଅଭିଯାନ କୋଣାର୍କରୁ ଆରମ୍ଭ

କୋଣାର୍କ: (ପି.ଏନ୍) : ଆଜି ପବିତ୍ର ବିଶ୍ୱ ପରିବେଶ ଦିବସ ଅବସରରେ କାମତ ଗ୍ରୁପର ସି. ଏମ. ଡି. ଡଃ.ଭିଠଲ ଭେଙ୍କଟେଶ କାମତ ଓ ଡାଇରେକଟର ମିଷ୍ଟର ବିଶାଲ କାମତଙ୍କ ନିର୍ଦ୍ଦ ?ଶକ୍ରମେ କାମତ ହୋଟେଲସର ଲୋଟସ ରିସୋର୍ଟର ଗ୍ରୀନ ଟିମର ପ୍ରାୟ ୫୦ ଜଣ କର୍ମଚାରୀ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଫଳକବାର୍ତା ଧରି ଏକ ଶୋଭାଯାତ୍ରାରେ ଆଇ.ଓ.ସି.ଏଫ.କ୍ୟାମ୍ପସ ଠାରୁ ବାହାରି କୋଣାର୍କ ମନ୍ଦିର ପରିସର ଦେଇ କୋଣାର୍କ ସରକାରୀ ଡାକ୍ତରଖାନା ପର୍ଯ୍ୟନ୍ତ ଯାଇଥିଲେ କ୍ଷ ଇତ୍ୟବସରରେ କୋଣାର୍କ ମନ୍ଦିର ପାର୍ଶ୍ୱ ରେ ଓ କୋଣାର୍କ ସରକାରୀ ଡାକ୍ତରଖାନା ପରିସରରେ ସଫେଇ ତଥା ବୃକ୍ଷ ରୋପଣ କାର୍ଯ୍ୟକ୍ରମମାନ ସମ୍ପାଦନ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ବନ ବିଭାଗ ଅଧିକାରୀ ସୁଦର୍ଶନ ଦେହୁରୀ ତଥା ତାଙ୍କ କର୍ମଚାରୀ ଏବଂ ଗୋପ




ସି.ଏଚ୍.ସି. ଓ କୋଣାର୍କ ସରକାରୀ ଡାକ୍ତରଖାନାର କର୍ମଚାରୀ, କୋଣାର୍କର ଶ୍ରୀ ରାମକୃଷ୍ଣ ମହାନ୍ତି ଓ ଅନ୍ୟ ସମାଜସେବୀବୃନ୍ଦ ତଥା ବିଭିନ୍ନ ଗଣମାଧମର ପ୍ରତିନିଧିମାନେ ମଧ ସାମିଲୀ ହୋଇଥିଲେ କ୍ଷ କାମତ ହୋଟେଲସର ଆଞ୍ଚଳିକ ପରିଚାଳକ ଭାରତ ଭୂଷଣ ବିଶ୍ୱାଳଙ୍କ ମତରେ ଏହି କାର୍ଯ୍ୟକ୍ରମ ଜନ ସାଧାରଣଙ୍କୁ ପରିବେଶର ସ୍ୱଚ୍ଛତାର ବାର୍ତା ଦେବା ସହିତ ଜାତୀୟ ବୃକ୍ଷ ରୋପଣ ଅଭିଯାନକୁ ଅଧିକ ତ୍ୱରାନିତ୍ୱ କରିବ ବୋଲି ଆଶାଏହି କାର୍ଯ୍ୟକ୍ରମକୁ ଲୋଟସ ରିସୋର୍ଟର ପରିଚାଳକ ସୁନୀଲ କୁମାର ପାଣିଗ୍ରାହୀ, ପ୍ରଭୁଦତ୍ତ ଦାଶ, ଧିରେନ କୁମାର ଆଚାର୍ଯ୍ୟ, ରାଜୀବ କୁମାର ନାୟକ, ଜିତେନ୍ଦ୍ର ଜେନା, ପ୍ରଦୀପ ମଣ୍ଡଳ, ଅଭିମନ୍ୟୁ ମାନ୍ୟଲୁ ପ୍ରମୁଖ ପରିଚାଳନା କରିଥିଲେ ।

# ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ଗ୍ରୀଷ୍ମ କାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ଉଦଯାପିତ

ପାରାଦୀପ,(ପି.ଏନ): ଛାତ୍ରଛାତ୍ରୀ ଙ୍କ ମଧ୍ୟରେ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଏହାର ସହଯୋଗୀ ଅନୁଷ୍ଠାନ ଗୋପବନ୍ଧୁ କ୍ରୀଡା ସଂସଦ ଆନୁକୂଲ୍ୟରେ ଗ୍ରୀଷ୍ମ କାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଚଳିତ ୨କ୍ଷ୨୫ ବର୍ଷ ମେ ମାସ ୧୫ ତାରିଖ ଠାରୁ ଜୁନ ୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିଅମ ଠାରେ ଏହି ଗ୍ରୀଷ୍ମ କାଳୀନ ଖେଳ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ଫୁଟବଲ, ଭଲିବଲ, କ୍ରିକେଟ, ହକି, ସନ୍ତରଣ ଇତ୍ୟାଦି ଖେଳ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିରେ ୬ ବର୍ଷରୁ ୧୬ ବର୍ଷ ପର୍ଯ୍ୟନ୍ତ ବାଳକ ଓ ବାଳିକା ସର୍ବମୋଟ ୧୭କ୍ଷ ଜଣ ଅଂଶଗ୍ରହଣ କରିଥିଲେ କ୍ଷ ଫୁଟବଲ ଖେଳ ପାଇଁ ପ୍ରଶିକ୍ଷକ ରବିନ୍ଦ୍ର କୁମାର ଦାସ ଓ ସଞ୍ଜିତ ଜେନା, ଭଲିବଲ ଖେଳ ପାଇଁ ସଞ୍ଜୟ କୁମାର ଦାସ ଓ ରାଜକିଶୋର ମଣ୍ଡଳ, କ୍ରିକେଟ ପାଇଁ ସୂର୍ଯ୍ୟକାନ୍ତ ଜେନା, ଅଜିତ କୁମାର ଦାସ ଓ ବିଭୁତି ବରାଳ, ସନ୍ତରଣ ପାଇଁ ସଞ୍ଜୟ କୁମାର ନାୟକ, ହକି ପାଇଁ ବିଜୟ କୁମାର ଦାସ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ତେବେ ବୁଧବାର ଦିନ ଏହି ଶିବିରର ଉଦଯାପନୀ ଅବସରରେ ଗୋପବନ୍ଧୁ କ୍ରୀଡା ସଂସଦ ର ସଭାପତି ଧର୍ମେନ୍ଦ୍ର ନାଥ ସୋଣ୍ଢୀ ମୁଖ୍ୟ ଅତିଥି ଏବଂ କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ର କ୍ରୀଡା ଉପଦେଷ୍ଟା ରବି ଦାସ, କ୍ରୀଡା ସଂସଦ ର ସମ୍ପାଦକ ରଞ୍ଜନ ରଶ୍ମି ବେଉରା, ସହ ସମ୍ପାଦକ ଧ୍ରୁବ ଚନ୍ଦ୍ର ତରାଇ, ବରିଷ୍ଠ ଭଲିବଲ କୋଚ୍ ସଞ୍ଜୟ କୁମାର ଦାସ ଓ କ୍ରୀଡା ସଂସଦ ର ସଦସ୍ୟ ବିପ୍ଲବକୁମାର ଜେନା, ବିଶ୍ୱରଞ୍ଜନ ଦାସ, ଲିତାରାମ ହାବୁ, ଶିଶିର କୁମାର ପତି ପ୍ରମୁଖ ଏହି ଉଦଯାପନୀ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ । ସର୍ବଶେଷରେ କ୍ରୀଡା ଉପଦେଷ୍ଟା ରବି ଦାସ ସମସ୍ତ ପ୍ରଶିକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକ ଙ୍କ ସମେତ ଏହି ପ୍ରଶିକ୍ଷଣ ରେ ସକ୍ରିୟା ସହଯୋଗ ଓ ଏହାର ସଫଳତା ପାଇଁ ବନ୍ଦର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ଗଣମାଧମ ପ୍ରତିନିଧି ମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ ।ୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅ'ର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥାଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଉଠିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ । ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସ୍ରୁତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ । ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ ୍ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି । ଏସିଏଫ୍ ଅଜୟ କୁମାର ସାହୁଙ୍କ ତ ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର, ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ, ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ, ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ । ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି ।



# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନକ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଓକ୍ତଙ୍କକ୍ଟଶ୍ଚ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଋହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି ।




# ମିଳିବ ଆବର୍ଜନାରୁ ମୁକ୍ତି !

ବିଶ୍ୱ ପାଇଁ ସବୁଠୁ ବଡ଼ ଚିନ୍ତାର କାରଣ ହେଉଛି ପରିବେଶ ପ୍ରଦୂଷଣ। ଏହାକୁ ନେଇ ଅନେକ ନୀତି ପ୍ରଣୟନ ହେଉଛି। ବିଶ୍ୱ ନେତାମାନେ ଆପୋଷ ଆଲୋଚନା ଜାରି ରଖିଛନ୍ତି। ହେଲେ ନୀତିର କାର୍ଯ୍ୟକାରିତାର ସୁଫଳ ଦେଖିବାକୁ ମିଳୁନାହିଁ। ପ୍ରତିଟି ଦେଶ କେବଳ ନିଜ ସ୍ୱାର୍ଥ ପାଇଁ ପଦକ୍ଷେପ ନେଉଥିଲା ବେଳେ ଏହା ଯେ, ବଡ଼ ସଂକଟକୁ ଦୂର କରିବ ତାହା ଭାବିବା ଭୁଲ। ପ୍ରତିଟି ଦେଶ ଯେ ପର୍ଯ୍ୟନ୍ତ ଏହି ସମସ୍ୟାକୁ ହୃଦବୋଧ କରିନାହାଁନ୍ତି ସେ ପର୍ଯ୍ୟନ୍ତ ପରିବେଶ ପ୍ରଦୂଷଣକୁ ରୋକାଯାଇପାରିବ ନାହିଁ। ଏହି କ୍ରମରେ ଭାରତ ସରକାର ବିକଳ୍ପ ଇନ୍ଧନ ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଆଉ ଏକ ବଡ଼ ପଦକ୍ଷେପ ସ୍ୱରୂପ ରାସ୍ତାରୁ ପୁରୁଣା ଗାଡ଼ି ହଟାଇବାର ନିଆଯାଇଛି ନିଷ୍ପତ୍ତି। କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ ପୁଣି ଥରେ ଦୋହରାଇଛନ୍ତି ଯେ, ସରକାରୀ କାର୍ଯ୍ୟରେ ବ୍ୟବହାର ହେଉଥିବା ପୁରୁଣା ଗାଡ଼ିକୁ କବାଡ଼ିକୁ ଦିଆଯିବ। ଅର୍ଥାତ୍ ୧୫ ବର୍ଷର ପୁରୁଣା ଗାଡ଼ି ବ୍ୟବହାର ହୋଇପାରିବ ନାହିଁ। ସେହିପରି ରାସ୍ତାରେ ମଧ୍ୟ ୧୦ ବର୍ଷର ପୁରୁଣା ବ୍ୟାବସାୟିକ ଯାନ, ୧୫ ବର୍ଷର ପୁରୁଣା ଘରୋଇ ପାସେଞ୍ଜର ଯାନ ଗଡ଼ିବ ନାହିଁ। ଯଦି ଏହା ଗଡ଼ିବ ତେବେ ମାଲିକମାନଙ୍କୁ ଦେବାକୁ ହେବ ଫିଟନେସ ପରୀକ୍ଷା। ଏହା ବାଧ୍ୟତାମୂଳକ। ପରୀକ୍ଷାରେ ଫେଲ ହେଲେ ଯିବ କବାଡି ଥାନାକୁ। ସେହିପରି ଲୁଚାଚୋରାରେ ପୁରୁଣା ଗାଡ଼ି ଚଳାଇଲେ ଧରାପଡ଼ିଲେ ଦେବାକୁ ହେବ ଜରିମାନା। ସରକାରଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏବେ ଇଲେକ୍ଟ୍ରିକ୍ ଯାନ ଉପରେ ସରକାର ଏଥିପାଇଁ ଗୁରୁତ୍ୱ ଦେଉଛନ୍ତି। କାରଣ ଏହାଦ୍ୱାରା ବାୟୁ ପ୍ରଦୂଷଣର ସମ୍ଭାବନା ନାହିଁ। ସେହିପରି ଇଥାନଲ ମିଶ୍ରିତ ଇନ୍ଧନ ଉପରେ ଜୋର ଦିଆଯାଉଛି। ଯାହାଦ୍ୱାରା ଗାଡ଼ିରୁ ବାହାରୁଥିବା ଧୂଆଁ ପରିବେଶକୁ ଅଧିକ କ୍ଷତି ପହଞ୍ଚାଇବ ନାହିଁ। ବର୍ତ୍ତମାନ ଯେଉଁସବୁ ପୁରୁଣା ଗାଡ଼ି ଚାଲୁଛି ତାହା ପରିବେଶ ପାଇଁ କ୍ଷତିକାରକ। ତେଣୁ ଏହାକୁ ସ୍କ୍ରାପ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ନିଜର ପୁରୁଣା ଗାଡ଼ିକୁ ହରାଉଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ନୂଆ ନୀତିରେ ଦିଆଯାଇଛି ସୁବିଧା। ଗାଡ଼ିର ସ୍କ୍ରାପ ମୂଲ୍ୟ ବାବଦରେ ବ୍ୟକ୍ତିବିଶେଷଙ୍କୁ ନୂଆ ଗାଡ଼ି ସମୟରେ ରୋଡ ଟ୍ୟାକ୍ସରୁ



ମଧ୍ୟ ରିହାତି ଦିଆଯିବ। କିଛି ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବା ମଧ୍ୟ ଆରମ୍ଭ କଲେଣି। ପୁରୁଣା ଗାଡ଼ିକୁ ରାସ୍ତାରୁ ହଟାଇବା ପାଇଁ ପ୍ରୋତ୍ସାହନର ଘୋଷଣା ମଧ୍ୟ ଦିଆଗଲାଣି। ପୁରୁଣା ଗାଡ଼ି ହଟିବା ନିଷ୍ପତ୍ତି ନିଆଯାଇଥିବାରୁ ଏବେ ଗାଡ଼ି ନିର୍ମାତାମାନେ ମଧ୍ୟ ବାଧ୍ୟରେ ପରିବେଶ ଅନୁକୂଳ ଗାଡ଼ି ତିଆରି ଉପରେ ଅଧିକ ଗୁରୁତ୍ୱ ଦେବେ। ଦେଶର ସ୍ୱାର୍ଥ ଓ ବଦଳୁଥିବା ପରିବେଶକୁ ଦୃଷ୍ଟିରେ ରଖି ସରକାର ପଦକ୍ଷେପ ନେବା ଯେତିକି ଦରକାର ତା'ଠାରୁ ଅଧିକ ଦାୟିତ୍ୱ ହେଉଛି ସାଧାରଣ ଲୋକଙ୍କର। ପୁରୁଣା ଗାଡ଼ି ପ୍ରଚଳନ ଅର୍ଥନୀତି ପାଇଁ ମଧ୍ୟ ବୋଝ। ତେଣୁ ସରକାରଙ୍କୁ ଏହି ସ୍କ୍ରାପ ପଲିସକୁ ଆହୁରି ବ୍ୟାପକ ଓ ବିସ୍ତୃତ କରିବା ଦରକାର। ଏଥିସହ ସ୍କ୍ରାପ ଉଦ୍ୟୋଗମାନଙ୍କୁ ମଧ୍ୟ ପ୍ରୋତ୍ସାହନ ଦେବା ଆବଶ୍ୟକ। ସେହିପରି ଲୋକେ ମଧ୍ୟ ବୁଝିବା ଦରକାର ଯେ, ସରକାର ଜବରଦସ୍ତି ସେମାନଙ୍କ କଷ୍ଟ ଉପାର୍ଜିତ ଅର୍ଥରେ କିଣିଥିବା ଗାଡ଼ିକୁ ହଟାଉନାହାଁନ୍ତି। ଏହା ଦେଶର ସ୍ୱାର୍ଥ ପାଇଁ ଏବଂ ସମସ୍ତଙ୍କ ସ୍ୱାସ୍ଥ୍ୟ ପାଇଁ।

## ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମ ।ସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୂମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ। ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକ ଆନ୍ଦୋଳନ ସ୍ଥଗିତ, ସମସ୍ୟାର ସମାଧାନ ହେବ ତ ?

ତିନି ଦଫା ଦାବି ନେଇ ଭୁବନେଶ୍ୱରରେ ଚାରି ଦିନ ହେଲା ଚାଲିଥିବା ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ବୁଧବାର ରାଜ୍ୟ ସରକାରଙ୍କ ସହ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଏନେଇ ମହାସଂଘର ସଭାପତି ମଣ୍ଡଳୀ ସଦସ୍ୟ ବ୍ରହ୍ମାନନ୍ଦ ମହାରଣା ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଡିସେମ୍ବର ୨୦ତାରିଖ ଯାଏ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଛି। ୧୬ରୁ ୨୦ ତାରିଖ ଭିତରେ ଦାବି ପୂରଣ ନ ହେଲେ ୨୧ ତାରିଖରୁ ପୁନର୍ବାର ଆନ୍ଦୋଳନକୁ ତ୍ରୀବତର କରାଯିବ। ଏଥିସହିତ ଶିକ୍ଷକମାନେ ସମୂହ ଛୁଟିରେ ଯିବେ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରାଥମିକ ଶିକ୍ଷାରେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ସହ ୨୦୦୧ରୁ ନିଯୁକ୍ତ ସମସ୍ତ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ, ଶିକ୍ଷାସହାୟକ ଓ କନିଷ୍ଠ ଶିକ୍ଷକଙ୍କ ମୂଳ ଚାକିରିକୁ ସରକାରୀ ସେବା ରୂପେ ଗଣନା କରି ୬ଟି ପଦୋନ୍ନତି ପ୍ରଦାନ, ସେହିପରି ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ସପ୍ତମ ବେତନ



ଅନୁଯାୟୀ କେନ୍ଦ୍ରୀୟ ହାରରେ ଦରମା ଏବଂ ୨୦୦୫ରୁ ନିଯୁକ୍ତ କର୍ମଚାରୀଙ୍କ ନୂତନ ପେନ୍‌ସନ୍ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନ୍ ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରିବା ଦାବି ନେଇ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଦୁଇ ଥର ଆଲୋଚନା ହୋଇ ଦୁଇ ଥର ବିଫଳ ହେବା ପରେ ବୁଧବାର ଆନ୍ଦୋଳନରତ ଶିକ୍ଷକଙ୍କ ସହ ସରକାରଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ନିଷ୍ପତ୍ତି ଅନୁସାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଏଥିରେ ଉନ୍ନୟନ କମିଶନର, ଅର୍ଥ ବିଭାଗ ସଚିବ ଏବଂ ଗଣଶିକ୍ଷା ବିଭାଗ ସଚିବ ରହିବେ। ଏହି କମିଟି ଆସନ୍ତା ଡିସେମ୍ବର ୧୬ରୁ ୨୦ ତାରିଖ ମଧ୍ୟରେ ଶିକ୍ଷକ ଦାବି ନେଇ ଆଲୋଚନା କରିବେ ଓ ନିଷ୍ପତ୍ତି ନେବେ। ଏହି ଆଶାରେ ବିଶ୍ୱାସ ନେଇ ଶିକ୍ଷକମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଛାତ୍ରଛାତ୍ରୀଙ୍କ ହିତଦୃଷ୍ଟିରୁ ପ୍ରାଥମିକ ଶିକ୍ଷକ ମହାସଂଘ ଏଭଳି ନିଷ୍ପତ୍ତି ନେଇଛି। ସରକାର ମଧ୍ୟ ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବା ଆବଶ୍ୟକ।

ମହାନ୍ ଦାର୍ଶନିକ ଭୋଲଟାୟାରଙ୍କ ମତରେ ଶିକ୍ଷାରୁ ଆସେ ଚେତନା, ଚେତନାରୁ ସୃଷ୍ଟିହୁଏ ବିପ୍ଳବ ଏବଂ ବିପ୍ଳବ ଆଣିଥାଏ ପରିବର୍ତ୍ତନ। ପ୍ରତ୍ୟେକ ଦେଶର ଉନ୍ନତି ପଛରେ ସୁଦୃଢ ଶିକ୍ଷାବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅନ୍ୟଅର୍ଥରେ କହିଲେ ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ। ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବନାହିଁ। ଏକ ଲୋକପ୍ରିୟ କାହାଣୀ କୁହେ-"ଯଦି ତୁମେ ଆଗାମୀ ଏକବର୍ଷ ପାଇଁ ଯୋଜନା କରୁଛ, ତାହାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା'ଠାରୁ ଊର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତା'ହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତାହାହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ।" ଶିକ୍ଷା ବ୍ୟବସ୍ଥାର ପ୍ରାଣକେନ୍ଦ୍ର ହେଉଛି ପ୍ରାଥମିକ ବିଦ୍ୟାଳୟ। କିନ୍ତୁ ରାଜ୍ୟରେ ପ୍ରାଥମିକ ଶିକ୍ଷା ସ୍ଥିତି ଅତି ଦୟନୀୟ । ସେହିପରି ଶିକ୍ଷକଙ୍କ ଅବସ୍ଥା ମଧ୍ୟ ତଦ୍ରୁପ। ଜଣାପଡ଼ିଛି ଯେ ରାଜ୍ୟରେ ବିଭିନ୍ନ ବିଦ୍ୟାଳୟରେ ୫୦ ହଜାରରୁ ଅଧିକ ଶିକ୍ଷକ ପଦ ଖାଲି ପଡ଼ିଛି। ଅସ୍ଥାୟୀ ଅତିଥି ଶିକ୍ଷକ ଚଳାଉଛନ୍ତି ବିଦ୍ୟାଳୟ। ଏପରିକି ରାଜ୍ୟ ସରକାରଙ୍କ ପରିଚାଳିତ ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଶିକ୍ଷକ ପଦ ଖାଲି ପଡ଼ିଛି। ବିରୋଧୀ ଦଳଙ୍କ ପ୍ରଶ୍ନର ଉତ୍ତରରେ ସ୍ଥାୟୀ ନିଯୁକ୍ତି କେବେ ହେବ ବୋଲି ପ୍ରଶ୍ନରେ ମନ୍ତ୍ରୀ କହିଲେ ପର୍ଯ୍ୟାୟକ୍ରମେ ନିଯୁକ୍ତି ହେବ ବୋଲି ଉତ୍ତର ରଖିଥିଲେ। ସେହିପରି ଅସ୍ଥାୟୀ ନିଯୁକ୍ତି କେବେ ବନ୍ଦ ହେବ ବୋଲି ପ୍ରସଙ୍ଗରେ ମନ୍ତ୍ରୀ କହିଥିଲେ ଯେ ସ୍ଥାୟୀ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଅତିଥି ଶିକ୍ଷକଙ୍କ ନିଯୁକ୍ତି ଦିଆଯାଉଛି। ସେହିପରି ରାଜ୍ୟ ସରକାର ୨୦୦୧ ମସିହାରେ ପ୍ରାଥମିକ ବିଦ୍ୟାଳୟରେ ବହୁଳ ଭାବରେ ଲାଗୁ କରିଥିବା ଠିକା ଶିକ୍ଷକ ନିର୍ଦ୍ଦେଶ ଯୁକ୍ତିକୁ ଅଣଦେଖା କରିଛନ୍ତି। ଅପରପକ୍ଷେ ୨୦୧୩ ମସିହାଠାରୁ ଠିକା ଶିକ୍ଷକ ନିଯୁକ୍ତିକୁ ଉଚ୍ଛେଦ କରିଛନ୍ତି। ଏହା ଏକ ବିଡ଼ମ୍ବନାର ବିଷୟ।

ସୂଚନାଯୋଗ୍ୟ ଯେ, ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ସରକାର ବିଭିନ୍ନ ସମୟରେ ସରକାରୀ ଅନୁଦାନ ଦେଇଆସୁଛନ୍ତି । ଏ କ୍ଷେତ୍ରରେ ୧୯୬୯ ମସିହାର ପ୍ରଥମ ଶିକ୍ଷା ଆଇନ ଏକ ମାଇଲ୍‌ଖୁଣ୍ଟ ହୋଇ ରହିଆସିଛି । ଏହି ଆଇନ୍‌କୁ ଭିତ୍ତି କରି ପରବର୍ତ୍ତୀ ପର୍ଯ୍ୟାୟରେ ୧୯୭୨ ମସିହାରେ ସମାନ କାମକୁ ସମାନ ଦରମା ଆଇନ୍ ଓ ଏହାପରେ ୧୯୭୪ ମସିହାରେ ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ପ୍ରତ୍ୟକ୍ଷ ଅନୁଦାନ ଆଇନ ଅନୁସାରେ ପୂର୍ଣ୍ଣ ଅନୁଦାନ ଦେଇ ସେମାନଙ୍କୁ ପରିଚାଳନା କମିଟିର ସିଧାସଳଖ ହସ୍ତକ୍ଷେପ ଓ ଦୌରାତ୍ମ୍ୟରୁ ମୁକ୍ତ କରାଗଲା । ଏହି ସମୟରେ ଶିକ୍ଷକମାନେ ଭାବିଥିଲେ ଯେ ପ୍ରତ୍ୟକ୍ଷ ଅନୁଦାନ ବ୍ୟବସ୍ଥା ଏକ ଚିରସ୍ଥାୟୀ ନିୟମ। ମାତ୍ର ଏହାର ୩୦ ବର୍ଷ ପରେ ୨୦୦୪ ମସିହାରେ ଆର୍ଥିକ ସଂସ୍କାର ଆଳରେ ଓ ଡି.ଏଫ୍.ଆଇ.ଡି. ଓ ବିଶ୍ୱବ୍ୟାଙ୍କ ଚାପରେ ତତ୍‌କାଳୀନ ସରକାର ବିଧାନସଭାରେ ଆଇନ୍ ପ୍ରଣୟନ କରି ପୂର୍ବ ପ୍ରଚଳିତ ପ୍ରତ୍ୟକ୍ଷ ଅନୁଦାନ ବ୍ୟବସ୍ଥାକୁ ବାତିଲ କରି ଘୃଣ୍ୟ ବ୍ଲକ ଗ୍ରାଣ୍ଟ ବା ମୁଣ୍ଡାମୁଣ୍ଡି ଦରମା ଦେବାର ବ୍ୟବସ୍ଥା କଲେ। ଏହି ବ୍ୟବସ୍ଥା ବିରୁଦ୍ଧରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ, କଲେଜ ଶିକ୍ଷକ ସଂଘ, ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଡିଶା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ଭାଗରେ ବିଭକ୍ତ ହୋଇଥିବା ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ସଂଘ, ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ, ଶିକ୍ଷା ସହାୟକ ମହାସଂଘ, ୪୮୮ବର୍ଗ କଲେଜ ଶିକ୍ଷକ ସଂଘ, ୬୬୨ ବର୍ଗ ଶିକ୍ଷକ ସଂଘ ତରଫରୁ ବିଭିନ୍ନ ସମୟରେ ଓ ବିଶେଷ କରି ବିଧାନସଭା ଅଧିବେଶନ ସମୟରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏ ସବୁର ଫଳସ୍ୱରୂପ ୧୯୮୨ ବ୍ଲକ ଗ୍ରାଣ୍ଟ ହାଇସ୍କୁଲଗୁଡିକ ମଧ୍ୟରୁ ୧୦୮୫ ହାଇସ୍କୁଲକୁ ପେ, ଗ୍ରେଡ୍ ପେ ମିଳିଛି, ପୂର୍ବ ମୁଣ୍ଡାମୁଣ୍ଡି ବ୍ଲକଗ୍ରାଣ୍ଟ ବେତନ ବଦଳରେ ୪୮୮ ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କୁ ପେ, ଗ୍ରେଡ୍ ପେ ସହ ୫ଟି ଇନ୍‌କ୍ରିମେଣ୍ଟ ଏବଂ ୬୬୨ ବର୍ଗର ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ପେ, ଗ୍ରେଡ୍ ପେ ସହ ଗୋଟିଏ ଇନ୍‌କ୍ରିମେଣ୍ଟ ମିଳିଛି ।

ଏଠାରେ ପ୍ରଶ୍ନ ଉଠେ ଗୋଟିଏ ବୃତ୍ତିରେ ଥାଇ, ସମାନ କାମ କରି, ବେତନରେ ଶିକ୍ଷକ ଓ ଅଧ୍ୟାପକମାନଙ୍କ କ୍ଷେତ୍ରରେ ଏ ତାରତମ୍ୟ କାହିଁକି ? ଉଦାହରଣ ଦେଇ କୁହାଯାଇପାରେ ପ୍ରାଥମିକ ସ୍ତରରେ ଜଣେ ନିୟମିତ ଶିକ୍ଷକ ୧୪,୮୦୦ ଟଙ୍କା ବା ତଦୁର୍ଦ୍ଧ୍ୱ ଦରମା ପାଉଥିବା ବେଳେ ଜଣେ ଗଣଶିକ୍ଷକ ୩,୫୦୦ଟଙ୍କା, ଶିକ୍ଷା ସହାୟକ ୫,୨୦୦ଟଙ୍କା କନିଷ୍ଠ ଶିକ୍ଷକ ୭,୦୦୦ଟଙ୍କା, ହାଇସ୍କୁଲ ସ୍ତରରେ ଜଣେ ନିୟମିତ ଶିକ୍ଷକ ୨୫,୦୦୦ରୁ ଉର୍ଦ୍ଧ୍ୱ ଟଙ୍କା ଦରମା ପାଉଥିଲା ବେଳେ ଜଣେ ବ୍ଲକ ଗ୍ରାଣ୍ଟ ଶିକ୍ଷକ ୫,୬୦୦ ଟଙ୍କା, ଚୁକ୍ତିଭିତ୍ତିକ ଶିକ୍ଷକ ୯,୩୦୦ଟଙ୍କା, କଲେଜ ସ୍ତରରେ ଜଣେ ୟୁଜିସି ଅଧ୍ୟାପକ ୯୦,୦୦୦ରୁ ଉର୍ଦ୍ଧ୍ୱ ଟଙ୍କା ଦରମା ପାଉଥିବାବେଳେ ରାଜ୍ୟ ବେତନ ପାଉଥିବା ଅଧ୍ୟାପକ ୩୫ହଜାରରୁ ଉର୍ଦ୍ଧ୍ୱ ଟଙ୍କା, ୪୮୮ ବର୍ଗର ଅଧ୍ୟାପକ ୧୬,୩୨୦ ଟଙ୍କା ଓ ୬୬୨ ବର୍ଗର ଅଧ୍ୟାପକ ୧୪,୧୩୦ ଟଙ୍କା ପାଉଛନ୍ତି । ସେହିପରି ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରକାରରେ ବିଭକ୍ତ କରାଯାଇଛି । ଏଠି କିଏ ପାରା ଶିକ୍ଷକ, ଗଣଶିକ୍ଷକ, ଶିକ୍ଷାସହାୟକ, ଚୁକ୍ତିଭିତ୍ତିକ ଶିକ୍ଷକ ତ କିଏ ବ୍ଲକଗ୍ରାଣ୍ଟ ଶିକ୍ଷକ। ସେହିପରି କଲେଜ ସ୍ତରରେ କିଏ ବ୍ଲକଗ୍ରାଣ୍ଟ ପାଉଥିବା ଅଧ୍ୟାପକ କର୍ମଚାରୀ ତ କିଏ ରାଜ୍ୟ ବେତନ ଆଉ ୟୁଜିସି ବେତନ ପାଉଥିବା ଅଧ୍ୟାପକ ଓ କର୍ମଚାରୀ । କାହିଁ ଅତୀତରେ ଶିକ୍ଷକମାନଙ୍କ ବେତନରେ ଏତେ ତାରତମ୍ୟ ନଥିଲା କି ଶିକ୍ଷକମାନଙ୍କୁ ଏପରି ଭାଗ ଭାଗ କରାଯାଇ ନ ଥିଲା ?

ସବୁଠୁ ବଡ ସମ୍ବେଦନଶୀଳ ପ୍ରସଙ୍ଗ ହେଲା ପୂର୍ବର ସେ ଶକ୍ତିଶାଳୀ ଶିକ୍ଷକ ସଂଗଠନ ଆଉ ନାହିଁ କି ସେପରି ଅଦମନୀୟ ନେତା ଆଉ ନାହାଁନ୍ତି । ନିଖିଳ ଉତ୍କଳ ଶିକ୍ଷକ ମହାସଂଘଠାରୁ ଆରମ୍ଭ କରି କଲେଜ ଶିକ୍ଷକ ସଂଘ, ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଡିଶା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଭଳି ମୂଳ ସଂଗଠନଗୁଡିକ ଆଜି ବହୁଧା ବିଭକ୍ତ । ଫଳରେ ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ସଂଘ, ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ, ଶିକ୍ଷା ସହାୟକ ମହାସଂଘ, ନିଖିଳ ଉତ୍କଳ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘ, ୪୮୮ ବର୍ଗ କଲେଜ ଶିକ୍ଷକ ସଂଘ, ୬୬୨ବର୍ଗ କଲେଜ ଶିକ୍ଷକ ସଂଘ, ୟୁଟିଆଇ ସଂଘ ଓ ଓଡିଶା ବିଦ୍ୟାଳୟ ପରି ଭଳିକି ଭଳି ଶିକ୍ଷକ ସଂଗଠନ ସୃଷ୍ଟି ହୋଇଛି । ଫଳରେ ସଂଗଠନଗୁଡିକର ମୂଳଚାଲ ଶକ୍ତି ହ୍ରାସ ପାଇଛି, ଯାହା ପରୋକ୍ଷରେ ସରକାରଙ୍କୁ ସୁବିଧାଜନକ ସ୍ଥିତିରେ ରଖିଛି । ଆନ୍ଦୋଳନ ସମୟରେ ସରକାର କୌଣସି ଗୋଟିଏ ଗୋଷ୍ଠୀକୁ କିଛି ଦେଇ ସନ୍ତୁଷ୍ଟ କରିବା ନୀତିକୁ ଆପଣେଇ ନେଉଥିବାବେଳେ ସଂଗଠନଗୁଡ଼ିକ ମଧ୍ୟ ବାଧ୍ୟବାଧକତାରେ ହେଉ ବା ଅବସ୍ଥା ଦେଖି ବ୍ୟବସ୍ଥା ପାଇଁ ହେଉ, "କାନ୍ଦୁଥା, ଯାହା ପାଉଛୁ ବାନ୍ଧୁଥା" ନ୍ୟାୟରେ ସରକାରଙ୍କ କଥାକୁ ବାଧ୍ୟ ଶିଶୁ ପରି ମାନି ନେଉଛନ୍ତି । ପରିଣାମ ସ୍ୱରୂପ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ନିଜର ମନ୍ଦ ଭାଗ୍ୟକୁ ଆଦରି ଶିକ୍ଷାଦାନରେ ବ୍ରତୀ ରହିଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ ରାଜ୍ୟ ସରକାରଙ୍କ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏହି ଶିକ୍ଷକ ଓ ଅଧ୍ୟାପକମାନଙ୍କଠାରୁ ଅଧିକ ଦରମା ପାଉଛନ୍ତି । ଅଥଚ ସର୍ବୋଚ୍ଚ ଡିଗ୍ରୀ ହାସଲ କରିଥିବା ଶିକ୍ଷକ ଓ ଅଧ୍ୟାପକ କେମିତି ଏକ ବ୍ୟତିକ୍ରମ ହୋଇରହିଛନ୍ତି ?

ନିକଟ ଅତୀତରେ ସରକାର ଯେଉଁ ଠିକା ନିଯୁକ୍ତିକୁ ଉଚ୍ଛେଦ କରିଛନ୍ତି ସେଥିରେ ହିତାଧିକାରୀଙ୍କ ସଂଖ୍ୟା ବହୁତ କମ୍। ଏଥିରେ ମାତ୍ର ୬୯ ହଜାର ଶିକ୍ଷକ ଓ କର୍ମଚାରୀ ଉପକୃତ ହେବେ। ଖାଲି ସେତିକି ନୁହେଁ ୨୦୦୪ ମସିହାଠାରୁ ଏପର୍ଯ୍ୟନ୍ତ ଯେତେଗୁଡ଼ିଏ ସଂଶୋଧିତ ଅନୁଦାନ ନୀତି ପ୍ରଣୟନ କରାଯାଇଛି, ସେଥିରେ କେଉଁଠି ଇନ୍‌କ୍ରିମେଣ୍ଟ ନାହିଁ ତ କେଉଁଠି ମହଙ୍ଗା ଭତ୍ତା ନାହିଁ । ପୁଣି କେଉଁଠି ଜି.ପି.ଏଫ୍. ନାହିଁ ତ କେଉଁଠି ଅବସରକାଳୀନ ସୁବିଧା-ସୁଯୋଗ ନାହିଁ । ଆଉ କେତେ ଦିନ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ଏମିତି ହିନସ୍ତା ହେଉଥିବେ ? ଏବେ ବି ସମୟ ଅଛି। ରାଜ୍ୟ ସରକାର ଓ ଗଣଶିକ୍ଷା ବିଭାଗ ଶିକ୍ଷକମାନଙ୍କ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବା ଜରୁରୀ ମନେହୁଏ। ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ଯଦି ସେମାନଙ୍କ ଦାବି ପୂରଣ ନେଇ ବାରମ୍ବାର ରାଜରାସ୍ତାକୁ ଆସିବେ, ତାହାହେଲେ ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କ୍ଷତିଗ୍ରସ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏକଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍। ଆମକୁ ମନେରଖିବାକୁ ହେବ ଯେ ଶିକ୍ଷା ହିଁ ପ୍ରଗତିର ମାପକାଠି ଓ ଶିକ୍ଷକମାନେ ହେଉଛନ୍ତି ଶିକ୍ଷା ବ୍ୟବସ୍ଥାର ମେରୁଦଣ୍ଡ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତ୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶଦ୍ଧ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ "ନିଃଶଦ୍ଧ ଆଳାପ"କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୂବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ "ନିଃଶଦ୍ଧ ଆଳାପ"କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଉଠକୀୟତା ଅର୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆମ୍ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧକ୍ଷ ଡଃ. ଅମୀୟ ଜେନା, ପ୍ରାଧାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧାପକ ଓ ଅଧାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧାପକ, ଅଧାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନଙ୍କ ଅଭିଯୋଗ ଆଧାରରେ ଅଧକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ, ଅଧାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧାପକ, ଅଧାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧକ୍ଷ ଓ ଅଧାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।


2025-2026

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ଖେଳ ପର୍ଯ୍ୟବେକ୍ଷକ
Bhubaneswar Friday June 06 | ଭୁବନେଶ୍ୱର ଶୁକ୍ରବାର, ୦୬, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


# ପାଳିତ ହେଲା ୫୨ତମ ବିଶ୍ୱ ପରିବେଶ ଦିବସ






ଭୁବନେଶ୍ୱର,(ପି.ଏନ): ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ତଥା ଜିଲ୍ଲା ଗିରା ଜଜ୍ ଶ୍ରୀ ସତ୍ୟନାରାୟଣ ଷଡଙ୍ଗୀ ଙ୍କ ପୌରହିତ୍ୟରେ ଏବଂ ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଙ୍କ ତତ୍ୱାବଧାନରେ ଅଦ୍ୟ ତା-୦୫.୦୬.୨୦୨୫ ରିଖ ସ୍ଥାନୀୟ ଡି.ଏଫ୍.ଓ ଅଫିସ ପରିସରରେ ଥିବା କନଫୋରେନ୍ସ ହଲ ପରିସରରେ ସକାଳ ସମୟ ଘ.୧୧.୦୦ମି ରେ "ବିଶ୍ୱ ପରିବେଶ ଦିବସ"ପାଳନ କରାଗଲା। ଏଥିରେ ତିନି ଜଣ ଏ.ସି.ଏଫ.ଓ ସନ୍ଦୀପ ପୃଷ୍ଟି, ଅଶୋକ ପ୍ରଧାନ, ପରିବେଶବିତ୍ ରାଉତ ବାବୁ, ବନ ରକ୍ଷକ କାମେଶ୍ୱର ଆଚାରୀ, ରାୟଗଡା ବନ ବିଭାଗ ଅଧିକାରୀ ସଚିନ ଆନ୍ନା ସାହେବ ଓ ଅନ୍ୟ ପ୍ରମୁଖ ବ୍ୟକ୍ତି ମାନେ ଉପସ୍ଥିତ ରହି ଥିବା ଦେଖିବାକୁ ମିଳିଛି। ଆଜିର ବିଷୟ ବସ୍ତୁ ଥିଲା 'ପ୍ଲାଷ୍ଟିକ୍ ପ୍ରଦୂଷଣକୁ ବନ୍ଦ କରିବା', ସମସ୍ତ ମଞ୍ଚାସିନ ଅତିଥି ବୃନ୍ଦ ନିଜ ବକ୍ତବ୍ୟ ରେ ପ୍ଲାଷ୍ଟିକ ବ୍ୟବହାର ଜନିତ ସମସ୍ୟା ଉପରେ ଆଲୋକପାତ କରିଥିଲେ,ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀ ସୁବ୍ରତ ଆଚାର୍ଯ୍ୟ ଏକ ଦୃଢ଼ ବାର୍ତ୍ତା ଦେଇଥିଲେ ଯେ ଆମର ଦୈନନ୍ଦିନ ଜୀବନରେ କିପରି ଅନୁକୂଳ ପରିବର୍ତ୍ତନ ଆଣିହେବ ଯେଉଁଠାରେ ଆମର ନିକଟତମ ପରିବେଶ, ପ୍ରାକୃତିକ ଦୃଶ୍ୟ, ଆମର ବନ୍ୟପ୍ରାଣୀ ଏବଂ ଆମର ନୈନ୍ଦିନ କାର୍ଯ୍ୟକଳାପରୁ ପ୍ଲାଷ୍ଟିକ୍ ପ୍ରଦୂଷଣର ଅତ୍ୟଧିକ ବୋଝକୁ ଦୂର କରାଯାଇପାରିବ ଏବଂ'ମୁଁ 'ପ୍ଲାଷ୍ଟିକର ଉପଯୋଗିତାକୁ ଅସ୍ୱୀକାର କରୁନାହିଁ, କିନ୍ତୁ ଆମେ ପ୍ଲାଷ୍ଟିକ୍ ବ୍ୟବହାର ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇଗଲୁଣି ଯାହାର କିଛି ଗମ୍ଭୀର ପରିଣାମ ହେଉଛି ଯାହା ଦୁର୍ବଳ ଜଳଚର ବନ୍ୟପ୍ରାଣୀଙ୍କ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରେ। ପରିବେଶବିତ ରାଉତ ବାବୁ ପ୍ଲାଷ୍ଟିକ ବ୍ୟବହାରର ଗମ୍ଭୀର ସମସ୍ୟା ଗୁଡିକୁ ଦୃଷ୍ଟି କୁ ଆଣିଥିଲେ,ସେ କହିଥିଲେ ଯେ ବିଶ୍ୱବ୍ୟାପୀ, ପ୍ରତି ମିନିଟ୍ ରେ ପ୍ରାୟ ଦଶ ଲକ୍ଷ ପ୍ଲାଷ୍ଟିକ୍ ପିଇବା ବୋତଲ କିଣାଯାଉଛି ଏବଂ ପ୍ରତିବର୍ଷ ପାଞ୍ଚ ଟ୍ରିଲିୟନ ପର୍ଯ୍ୟନ୍ତ ଡିସପୋଜେବଲ୍ ପ୍ଲାଷ୍ଟିକ୍ ବ୍ୟାଗ ବ୍ୟବହୃତ ହେଉଛି। ଯଦି ଆମେ ଏହାକୁ ସାମଗ୍ରିକ ଭାବରେ ଦେଖିବା, ତେବେ ପ୍ରାୟ ୫୦ ପ୍ରତିଶତ ପ୍ଲାଷ୍ଟିକ୍ ଯାହା ପ୍ରଚଳନରେ ଅଛି କେବଳ ଥରେ ବ୍ୟବହାର ପ୍ରଦାନ କରେ। ପ୍ଲାଷ୍ଟିକ୍ ପ୍ୟାକେଜିଂର ପ୍ରାୟ ଏକ ତୃତୀୟାଂଶ ସଂଗ୍ରହ ବ୍ୟବସ୍ଥାରୁ ବଞ୍ଚିଯାଏ ଯାହା ସୂଚିତ କରେ ଯେ ଏହା ଆମର ସହର ରାସ୍ତାଗୁଡ଼ିକୁ କ୍ଳାନ୍ତ କରି ଆମର ପ୍ରାକୃତିକ ପରିବେଶକୁ ପ୍ରଦୂଷିତ କରେ। ଏହା ଦେଖାଯାଇଛି ଯେ ପ୍ରତିବର୍ଷ ପ୍ରାୟ ୧୩ ନିୟୁତ ଟନ୍ ପ୍ଲାଷ୍ଟିକ୍ ସମୁଦ୍ରରେ ଫିଙ୍ଗାଯାଏ ଯେଉଁଠାରେ ଏହା ପ୍ରବାଳ ପ୍ରାଚୀରକୁ କ୍ଳାନ୍ତ କରିଦିଏ। ମହାସାଗରରେ ମିଳୁଥିବା ପ୍ଲାଷ୍ଟିକ୍ ଗୋଟିଏ ବର୍ଷରେ ୪ ଥର ଆମ ଗ୍ରହ ପୃଥିବୀକୁ ଘେରି ରହିପାରେ ଏବଂ ଏହା ସମ୍ପୂର୍ଣ୍ଣ ଭାଙ୍ଗିବା ପୂର୍ବରୁ ପ୍ରାୟ ୧,୦୦୦ ବର୍ଷ ପର୍ଯ୍ୟନ୍ତ ରହିପାରେ। ପ୍ଲାଷ୍ଟିକ୍ ଆମର ଜଳ ଯୋଗାଣକୁ ଏବଂ ଏହିପରି ଆମର ଜଳାଶୟକୁ ଦୂଷିତ କରିଥାଏ। ଏହା ଏକ ଗୁରୁତର କ୍ଷତି କରିଥାଏ କାରଣ ପ୍ଲାଷ୍ଟିକ୍ ବିଭିନ୍ନ ରାସାୟନିକ ପଦାର୍ଥରେ ଗଠିତ ଯାହା ମଧ୍ୟରୁ ଅନେକ ବିଷାକ୍ତ ଏବଂ ହରମୋନ୍ ସନ୍ତୁଳନକୁ ବିଚଳିତ କରିଥାଏ। ପ୍ଲାଷ୍ଟିକ୍ ଧାତୁ, ଡାଇଅକ୍ସିନ୍ ଏବଂ କୀଟନାଶକ ଭଳି ଅନ୍ୟାନ୍ୟ ପ୍ରଦୂଷକ ପାଇଁ ଚୁମ୍ବକ ଭାବରେ ମଧ୍ୟ କାର୍ଯ୍ୟ କରେ।ତେଣୁ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବରେ ପରିତ୍ୟାଗ କରିବା ଏବଂ ଆମ ପରିବେଶକୁ ପ୍ରଦୂଷଣରୁ ରକ୍ଷା କରିବା ଅତ୍ୟନ୍ତ ପରାମର୍ଶଦାୟକ। ଏହା ସହିତ, ଅନ୍ୟମାନଙ୍କୁ, ବିଶେଷକରି ପିଲାମାନଙ୍କୁ ଏବଂ ନିକଟବର୍ତ୍ତୀ ପରିବେଶରେ ଥିବା ଲୋକମାନଙ୍କୁ ପରିବେଶ-ଅନୁକୂଳ ଉତ୍ପାଦ ବ୍ୟବହାର କରିବାକୁ ଏବଂ ପ୍ଲାଷ୍ଟିକ୍ ପ୍ରତି ସମ୍ପୂର୍ଣ୍ଣ ଭାବରେ 'ନା' କହିବାକୁ ଉତ୍ସାହିତ କରିଥିଲେ। ଆଲୁବାଡି ବିଦ୍ୟାଳୟ ର ଚିନ୍ମୟୀ ମହାପାତ୍ର, ସିକରପାଇ ବିଦ୍ୟାଳୟ ର ତାପସ କୁମାର ଦଳାଇ ଓ ଗୁଡ଼ାରୀ ର ବିକାଶ ସାହୁ ତିନିଜଣ ଙ୍କୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ଅପରାହ୍ନ ଘ.୫.୦୦ମି ସ୍ଥାନୀୟ ତଳଗୁମ୍ମା ଅଞ୍ଚଳ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ସ୍ଥାନୀୟ ତଳଗୁମ୍ମା ଅଞ୍ଚଳ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍(ପୋକ୍ସ) ଶ୍ରୀମତି ସ୍ୱେତା ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତି ଅପର୍ନା ମହାପାତ୍ର, ମହିଳା କୋର୍ଟ ର ବିଚାରପତି ଶ୍ରୀମତି ସସ୍ମିତା ମିଶ୍ର, ଜେ.ଏମ୍.ଏଫ୍.ସି ଶ୍ରୀ ରିଚିମିଲନ ପାତ୍ର, ଜିଲ୍ଲା ବନ ବିଭାଗର ରେଞ୍ଜର, ସମସ୍ତ କର୍ମଚାରୀ, ଜିଲ୍ଲା ଅବକାରୀ ବିଭାଗର ଅଧିକ୍ଷକ, କର୍ମଚାରୀ, ଜିଲ୍ଲା ଶିକ୍ଷା ଅଧିକାରି ରାମଚନ୍ଦ୍ର ନାହାର, ତଳଗୁମ୍ମା ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଓ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ଓ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ସ୍ଥାନୀୟ ତଳଗୁମ୍ମା ଅଞ୍ଚଳ ପରିସରରେ ବୃକ୍ଷରୋପଣ କରାଯିବା ସହିତ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

# କାଞ୍ଚନ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ବାଲିଅନ୍ତା,(ପି.ଏନ): ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ପକ୍ଷରୁ ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଯଶୁଆପୁରର ବାଲିପୋଖରି ହୁଡା ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ଯୁବ ସମାଜ ସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବାଲିପୋଖରି ହୁଡାରେ ମାଆ ପାଇଁ ଗଛ ଟିଏ କାର୍ଯ୍ୟକ୍ରମରେ ୨୦ଟି ପିଜୁଳି ଓ ଲେମ୍ବୁ ଗଛ ପୋତା ବୃକ୍ଷରୋପଣ କରାଯାଇଛି । ଏହି କାର୍ଯ୍ୟରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ଭୁବନେଶ୍ୱର ସାଂସଦଙ୍କ ବାଲିଅନ୍ତା ବ୍ଲକ ପ୍ରତିନିଧି ବିଜୟ ମହାରଣା, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ଦୀପକ ସ୍ୱାଇଁ , ଗୋପାଳ ବେହେରା ଓ ଶ୍ରୀକୁମାର ଅଭିଷେକ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ ।




ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


# ମହାବାହୁଙ୍କ ଆଗମନ ନିମନ୍ତେ ପ୍ରସ୍ତୁତି ବୈଠକ




ରାୟଗଡ,(ପି.ଏନ): ଶ୍ରଦ୍ଧା ଶ୍ରୀକ୍ଷେତ୍ର ରାୟଗଡ ରେ ବିଜେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ପବିତ୍ର ଘୋଷ ଯାତ୍ରା ଓ ବାହୁଡ଼ା ଯାତ୍ରା ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ, ରାୟଗଡ ଶ୍ରୀ ରମେଶ କୁମାର ଜେନାଙ୍କ ଉପସ୍ଥିତ ରେ ଆଲୋଚନା କରାଯାଇଥିଲା ।ଏହି ବୈଠକର ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପବିତ୍ର ରତଯାତ୍ରା ଓ ବାହୁଡ଼ା ଯାତ୍ରାକୁ ପୂର୍ବ ବର୍ଷ ପରି ମହାସମାରୋହରେ ଓ ସୁରୁଖୁରୁରେ ଆୟୋଜନ କରାଯାଇପାରିବ ସେଥିପାଇଁ ସମସ୍ତ ସକ୍ରିୟ ସହଯୋଗ କାମାନକ୍ଷ କରିଥିଲେ । ଏହାପରେ ତହସିଲଦାର,ରାୟଗଡ ପୂର୍ବ ବର୍ଷ ମାନଙ୍କର ଆୟୋ ବ୍ୟୟ ଉପସ୍ଥାପନ କରିଥିଲେ ଏବଂ ଏହି ବିଷୟରେ ଆଲୋଚନା କରି ଚଳିତବର୍ଷ ନିମନ୍ତେ ପାଣ୍ଠିର ଆବଶ୍ୟକତା ଉପରେ ଆଲୋଚନା କରକ୍ଷଯାଇଥିଲା । ଏହାପରେ ବିଭିନ୍ନ ବିଭାଗ ତରଫରୁ କରାଯାଇଥିବା କାର୍ଯ୍ୟ ସମ୍ପାଦନ ଉପରେ ଆଲୋଚନା କାଯାଇଥିଲା କ୍ଷ ଏମଆଇ ଡିଭିଜନ ତରଫରୁ ପ୍ରତେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ରଥରେ ରଂଗ କରିବେ କ୍ଷ ପୁର୍ତ୍ତ ବିଭାଗ ରଥ ନିର୍ମାଣ ଓ ଫିଟନେସ ସାର୍ଟିଫିକେଟ ଦେବେ କ୍ଷ ଜଗନ୍ନାଥ ମନ୍ଦିର ଭିତରେ ଗ୍ରାମ୍ୟ ନିର୍ମାଣ ବିଭାଗ ଓ ବାହାରେ ପୂର୍ତ୍ତ ବିଭାଗ ମିଳିତ ଭାବରେ ମରାମତି ଓ ରଂଗ କାର୍ଯ୍ୟ କରିବେ କ୍ଷ ପୌରପରିଷଦ ତରଫରୁ ପରିମଳ ବ୍ୟବସ୍ଥା କରିବେ କ୍ଷ ଟ୍ରାଫିକ,ଗାଡି ପାର୍କିଂଗ ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବା କଥା ଜିଲ୍ଲା ପୋଲିସ ବିଭାଗ କରିବ । ରଥଯାତ୍ରାର ଧାରା ବିବରଣୀ ପ୍ରସାର ଓ ପ୍ରଚାର ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗକୁ କୁହାଯାଇଛି । ସ୍ୱାସ୍ଥ୍ୟଗତ ସମସ୍ୟା ଓ ଆମ୍ବୁଲାନ୍ସ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କୁ ନିର୍ଦ୍ଦେଶ ଦିଆଯାଇଛି । ରଥଯାତ୍ରା ସମୟରେ ପିଇବା ପାଣି ଜନସ୍ୱାସ୍ଥ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଛି ।. ଚଳିତ ରଥଯାତ୍ରାରେ ଅଧିକ ସାଜସଜ୍ଜା କରିବା ସହିତ ଆକର୍ଷଣୀୟ କରିବାକୁ ସଦସ୍ୟ ମାନେ ବୈଠକରେ ଦାବି କରିଥିଲେ । ଏହି ବୈଠକରେ ନଗରପାଳ ଶ୍ରୀ ପି ମହେଶ ପଟ୍ଟନାୟକ, ଉପ ଆରୋକ୍ଷୀ ଅଧିକାରୀ,ତହସିଲଦାର ରାୟଗଡ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଫୁଲ କୁମାର ପାତ୍ରୀ, ଜିଲ୍ଲା ଗ୍ରାମୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ , ଆଞ୍ଚଳିକ ପରିବହନ ଅଧିକାରୀ , ଜିଲ୍ଲା ଯୋଗାଣ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ,ସହକାରୀ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗ,ପୌର ନିର୍ବାହି ଅଧିକାରୀ ,ଅତିରିକ୍ତ ତହସିଲଦାର ,ଅଗ୍ନୀ ସମ୍ମ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅନ୍ୟାନ୍ୟ ଅଧିକାରୀ, ରାଜପୁରୋହିତ ବିରଞ୍ଚି ନାରାୟଣ ଦାଶ,ସୁନୀଲ ଚନ୍ଦ୍ର ପଣ୍ଡା, ବଚନିକା ସେବାୟତ ରଞ୍ଜନ ରଥ, ସତ୍ୟବାଦୀ ପତି, ସୁଜିତ ପଣ୍ଡା ମହେନ୍ଦ୍ର ରଥ , ସଚ୍ଚିଦାନନ୍ଦ ଖାଡଙ୍ଗା, ସୁରେଶ ଚନ୍ଦ୍ର ପଣ୍ଡା , ବିନାୟକ କର , ପ୍ରଭାକର ଦୋରା ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଶେଷରେ ତହସିଲଦାର ରାୟଗଡ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମେଧା ପାଟକରଙ୍କୁ ପ୍ରଶାସନ ଦ୍ୱାରା ଅଟକ ଘଟଣାକୁ ନେଇ ଗାନ୍ଧୀବାଦୀ ଗଣ ସଙ୍ଗଠନ ସମୂହର ନିନ୍ଦା



ଭୁବନେଶ୍ୱର (ପି.ଏନ): ବିଶ୍ୱ ପରିବେଶ ଦିବସ ଅବସରରେ ରାୟଗଡ଼ା ଜିଲ୍ଲାର କାଶୀପୁର ଅଞ୍ଚଳରେ ଆୟୋଜିତ ପରିବେଶ ସୁରକ୍ଷା ସମାବେଶରେ ଯୋଗଦେବା ପାଇଁ ଆସିଥିବା ବିଶିଷ୍ଟ ଜନ ଆନ୍ଦୋଳନ ନେତ୍ରୀ ମେଧା ପାଟେକର, କୃଷକ ନେତା ଲିଙ୍ଗରାଜ, ଜନ ଆନ୍ଦୋଳନ କର୍ମୀ ନରେନ୍ଦ୍ର ମହାନ୍ତି ଓ ସାମାଜିକ କର୍ମୀ ହର ବଣିଆଙ୍କୁ ରାୟଗଡ଼ା ଷ୍ଟେସନରେ ଅଟକ କରି ସଭାକୁ ଯିବାରୁ ଅଟକ ରଖି ସେମାନଙ୍କୁ ବ୍ରହ୍ମପୁରକୁ ଫେରାଇ ଦିଆଯିବା ଘଟଣା ଗଭୀର ଭାବେ ଲୋକତନ୍ତ୍ର ବିରୋଧୀ ଏବଂ ଗଣତନ୍ତ୍ର ଉପରେ ଆକ୍ରମଣ। ଏହା ଅଭିବ୍ୟକ୍ତିର ସ୍ୱାଧୀନତା, ଆନ୍ଦୋଳନର ଅଧିକାର ଓ ପରିବେଶ-ଆଦିବାସୀ ଅଧିକାର ପ୍ରତି ଚାପ ଓ ଦମନ ରାଜନୀତିର ଏକ ନଗ୍ନ ଉଦାହରଣ। ଏହି ଘଟଣା ସ୍ପଷ୍ଟ କରେ ଯେ, ଆଦାନୀ-ବେଦାନ୍ତ ଭଳି କର୍ପୋରେଟ୍ ଶକ୍ତିମାନଙ୍କ ପାଇଁ ସରକାର ଦଲାଲି କରୁଥିବା ବେଳେ, ଆଦିବାସୀଙ୍କ ଜମି ଖାଲି କରିବା ପାଇଁ ଏବଂ ସେମାନଙ୍କ ସ୍ୱରକୁ ଦମନ କରିବା ପାଇଁ ନିୟୋଜିତ ହୋଇଛି। ବିଜେପିର ଡବଲ ଇଞ୍ଜିନ ସରକାର ଆଜି ପରିବେଶ ସୁରକ୍ଷାକାରୀ ଓ ଜନ ଆନ୍ଦୋଳନକାରୀଙ୍କୁ ଦମନ କରି ଲୋକତନ୍ତ୍ରର ମୂଳ ଅର୍ଥକୁ ଧ୍ୱଂସ କରୁଛନ୍ତି। ମେଧା ପାଟେକର ବର୍ଷ ବର୍ଷ ଧରି ଜଳ, ଜମି, ଜଙ୍ଗଲ ଓ ଆଦିବାସୀ ଅସ୍ତିତ୍ୱ ପାଇଁ ଲଢୁଛନ୍ତି, ତାଙ୍କୁ ଏଭଳି ଅମାନବୀୟ ଏବଂ ଅସାମ୍ବିଧାନିକ ଭାବେ ବ୍ୟବହାର କରିବା ତଥା ଏକ ଗଣ ଆନ୍ଦୋଳନରେ ଯୋଗଦେବା ଅଧିକାରରୁ ବଞ୍ଚିତ କରିବା ଭାରତୀୟ ଗଣତନ୍ତ୍ର ଉପରେ ଅପମାନଜନକ ଆକ୍ରମଣ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାୟଗଡ଼ା ଜିଲ୍ଲା ପ୍ରଶାସନ ଅଗଣତାନ୍ତ୍ରିକ ଭାବରେ ଆଗାମୀ ଦୁଇ ମାସ ପର୍ଯ୍ୟନ୍ତ ମେଧା ପାଟେକର, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଚାଷୀ ନେତା ଲିଙ୍ଗରାଜ ଆଦି କୋଡ଼ିଏ ଜଣ ପରିବେଶ କର୍ମୀଙ୍କୁ ଜିଲ୍ଲାରେ ପ୍ରବେଶକୁ ନିଷେଧ କରିଥିବା ଘଟଣା ଦେଶରେ ଏକଛତ୍ରବାଦର ପଦଚିହ୍ନକୁ ପ୍ରମାଣିତ କରୁଛି।ଉତ୍କଳ ଗାନ୍ଧୀ ସ୍ମାରକ ନିଧି,ରାଷ୍ଟ୍ରୀୟ ଯୁବା ସଙ୍ଗଠନ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ଲୋହିଆ ଏକାଡେମୀ ଭଳି ଗାନ୍ଧୀବାଦୀ ଗଣ ସଙ୍ଗଠନ ସମୁହଙ୍କ ପକ୍ଷରୁ ଶ୍ରୀମତୀ କୃଷ୍ଣା ମହାନ୍ତି, ଡଃ ବିଶ୍ୱଜିତ୍, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଦେବପ୍ରସାଦ ରାୟ, ମିହିର ପ୍ରତାପ ଦାସ, ଅନ୍ତର୍ଯ୍ୟାମୀ ବରାଳ, ଗୌରାଙ୍ଗ ମହାପାତ୍ର, ଜୟନ୍ତ କୁମାର ଦାସ, ବିରୁପାକ୍ଷ ତ୍ରିପାଠୀ, ଆର୍ଯ୍ୟଭଟ୍ଟ ମହାନ୍ତି, କବୀର ଜେନା, ଅନିମା ରାୟ, ସୂର୍ଯ୍ୟ ନାରାୟଣ ନାଥ, ଆଦ୍ୟଶ୍ଲୋକ ମିଶ୍ର ଓ ମାନସ ପଟ୍ଟନାୟକ ପ୍ରମୁଖ ପ୍ରେସ ବିଜ୍ଞପ୍ତି ଯୋଗେଏହି ଅନ୍ୟାୟ ଘଟଣା ପ୍ରତି ଘୋର ନିନ୍ଦା ବ୍ୟକ୍ତ କରିବା ସହ ଓ ଓଡିଶାର ମୁଖ୍ୟମନ୍ତ୍ରୀ ଏହି ଘଟଣାର ନିରପେକ୍ଷ ଅନୁସନ୍ଧାନ ସହ ଦାୟୀଙ୍କୁ ଦଣ୍ଡିତ କରିବା, ଆନ୍ଦୋଳନକାରୀଙ୍କୁ ସୁରକ୍ଷା ଓ ସମ୍ମାନ ଦେବା ଦାବୀ କରିଛନ୍ତି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray